୨୬ତମ ପ୍ରତିଷ୍ଠା ଦିବସ ସମାରୋହ

ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବର କାଗଜ

# ପର୍ଯ୍ୟବେକ୍ଷକ

PARYABEKHYAK ପର୍ଯ୍ୟବେକ୍ଷକ

Vol.26 . No.237 Bhubaneswar Thursday October 31 2024 | ୨୬ତମ ବର୍ଷ ସଂଖ୍ୟା-୨୩୭ ଭୁବନେଶ୍ୱର, ଗୁରୁବାର, ଅକ୍ଟୋବର ୩୧, ୨୦୨୪ (୮ ପୃଷ୍ଠା) ମୂଲ୍ୟ-୧.୫୦ ₹ 1.50 (Air Surcharge - 0.50P) Member-INS

## ରାତିରେ ଅଲ୍ ଦି ବେଷ୍ଟ କହି ସକାଳୁ କାଟିଦେଲେ ଟିକେଟ୍...

ଭୁବନେଶ୍ୱର,୩୦।୧୦(ପି.ଏନ): ବିଜେଡି ଛାଡିଲେ। ମୁଖିଆଙ୍କ ଗେହ୍ଲାପୁଅ ସାଜିଥିବା ପ୍ରଣବ ପ୍ରକାଶ ଦାସ ଓରଫ ବବିଙ୍କ ଉପରେ ବର୍ଷିଲେ। ଟିକେଟ କଟାର ଗୁମର ଖୋଲିବା ସହ ପରାଜୟର ପୋଲ୍ ଖୋଲିଲେ ପୂର୍ବତନ ବିଜେଡି ବିଧାୟିକା ସୁନନ୍ଦା ଦାସ। କହିଲେ, ଟିକେଟ ବଣ୍ଟା ଦିନ ରାତିରେ ମୋତେ ଡାକି ବେଷ୍ଟ ଅଫ୍ ଲକ୍ ବୋଲି କହିଥିଲେ। ମାତ୍ର ସକାଳେ ଟିକେଟ ମୋ କାଟିଦେଲେ।ବିଜେଡିରୁ ଇସ୍ତଫା ଦେବା ପରେ ଆଜି ସେ କହିଛନ୍ତି, ନବୀନ ପଟ୍ଟନାୟକ ଯଦି ଟିକେଟ ବାଣ୍ଟିଥାନ୍ତେ, ତାହେଲେ ଦଳର ପରାଜୟ ହୋଇନଥାନ୍ତା। କୋଟେରୀ ଗ୍ରୁପ୍ ଭି.କେ ପାଣ୍ଡିଆନ, ଆଶିଷ ସିଂ, ଡିଏସ କୁଟ୍ଟେ ଓ ବବି ଟିକେଟ ଦାୟିତ୍ୱରେ ଥିଲେ। ବିଜେଡିରେ ମନମୁଖୀ ଶାସନ ଓ ମନଇଚ୍ଛା ଟିକେଟ ବଣ୍ଟନ ଯୋଗୁ ଦଳ ହାରିଲା। ଏମିତି କି ମୋତେ ଟିକେଟ ପାଇଁ ଆଶିଷ ସିଂ ଓ କୁଟ୍ଟେଙ୍କୁ ଭେଟିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ଦୁଇ ଆଇପିଏସ୍ ମଧ୍ୟ ଟିକେଟ୍ ଦେବେ



ବୋଲି ପ୍ରତଶ୍ରୁତି ଦେଇଥିଲେ। ପରେ ଟିକେଟ କଟିବାରୁ ପାଣ୍ଡିଆନ ଡାକି କହିଥିଲେ, ମୁଁ ଯାଜପୁରରେ ମୁଣ୍ଡ ପୂରେଇଲିନି ବୋଲି ତମ ଟିକେଟ କଟିଲା। ସେପଟେ ବବି କହିଲେ ଟିକେଟ ଦେଲେ ମୁଁ ଦେବି, କାଟିଲେ ମୁଁ କାଟିବି। ଆଜି ଏମିତି ବାଣ ମାରି ସୁନନ୍ଦା ଯାଜପୁର ବିଜେଡିରେ ହଲଚଲ ସୃଷ୍ଟି କରିଛନ୍ତି।

### ଅଭିନନ୍ଦନ

ପବିତ୍ର ଦୀପାବଳି ଉପଲକ୍ଷେ ପାଳନ ଅବସରରେ ଆମର ଅଗଣିତ ପାଠକ-ପାଠିକା, ବିଜ୍ଞାପନଦାତା, ବିତରକ ଓ ଶୁଭେଚ୍ଛୁଙ୍କୁ ସ୍ୱପର୍ଯ୍ୟବେକ୍ଷକ'ର ହାର୍ଦ୍ଦିକ ଅଭିନନ୍ଦନ। **-ସମ୍ପାଦକ**

### ଛୁଟି ଘୋଷଣା

ପବିତ୍ର ଦୀପାବଳି ଉପଲକ୍ଷେ 'ପର୍ଯ୍ୟବେକ୍ଷକ' କାର୍ଯ୍ୟାଳୟ ଅକ୍ଟୋବର ୩୧ ତାରିଖ ବନ୍ଦ ରହୁଥିବାରୁ ଏହାର ପରବର୍ତ୍ତୀ ସଂସ୍କରଣ ୨ ତାରିଖରେ ପ୍ରକାଶ ପାଇବ ।

**-ପ୍ରକାଶକ**

## ଯୋଗାଣ ମନ୍ତ୍ରୀଙ୍କ ସୂଚନା: ନଭେମ୍ବର ମାସରୁ ହିତାଧିକାରୀଙ୍କୁ ମିଳିବ ନୂଆ ରାସନ କାର୍ଡ

ଭୁବନେଶ୍ୱର,୩୦।୧୦(ପି.ଏନ): ରାଜ୍ୟର ସମସ୍ତ ରାସନ କାର୍ଡଧାରୀଙ୍କ ପାଇଁ ଆସିଛି ଏକ ବଡ ଖବର । ଆସନ୍ତା ମାସରୁ ରାଜ୍ୟର ସମସ୍ତ ରାସନ ହିତାଧିକାରୀଙ୍କୁ ନୂଆ ରାସନ କାର୍ଡ ପ୍ରଦାନ କରାଯିବ । ରାଜ୍ୟ ସରକାରଙ୍କ ଖାଦ୍ୟ ଓ ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଏନେଇ ସୂଚନା ଦେଇଛନ୍ତି । ୧୦ ଲକ୍ଷ ଆବେଦନକାରୀଙ୍କ ଆବେଦନ ଯାଞ୍ଚ କରି ସେମାନଙ୍କୁ ନୂଆ କାର୍ଡ ପ୍ରଦାନ କରାଯିବ । ବିଭାଗ ପକ୍ଷରୁ ନୂଆ ହିତାଧିକାରୀଙ୍କ ତର୍ଜମା ଚାଲିଛି ବୋଲି ମନ୍ତ୍ରୀ କହିଛନ୍ତି । ନୂଆ ରାସନ କାର୍ଡ କେବେ ମିଳିବ ସେନେଇ ହିତାଧିକାରୀମାନେ ଚିନ୍ତାରେ ରହିଥିବା ବେଳେ ଏବେ ସେମାନଙ୍କୁ ଆଶ୍ୱସ୍ତି ମିଳିଛି ।ସୂଚନାଯୋଗ୍ୟ ଯେ, ରାସନ କାର୍ଡକୁ ନେଇ ଗତ ମାସରେ ମନ୍ତ୍ରୀ ପାତ୍ର କହିଥିଲେ ଯେ, ଗରିବଙ୍କ ପାଇଁ ଉଦ୍ଦିଷ୍ଟ ଖାଦ୍ୟ ଯୋଗାଣକୁ ଆହୁରି ସ୍ୱଚ୍ଛ ଓ ଗତିଶୀଳ କରିବାକୁ ରାସନ କାର୍ଡରେ ହେଉଥିବା ଚୋରି ଧରିବାକୁ ସରକାର ଇ-କେୱାଇସି ଲିଙ୍କ କରିଛନ୍ତି ।

## ନଭେମ୍ବର ୨୬ରୁ ବିଧାନସଭାର ୩୦ଦିନିଆ ଶୀତ ଅଧିବେଶନ, ପ୍ରଥମଦିନ ଆସିବ ଅତିରିକ୍ତ ବଜେଟ୍



ଭୁବନେଶ୍ୱର,୩୦।୧୦(ପି.ଏନ): ଆସନ୍ତା ୨୬ତାରିଖରୁ ଓଡିଶା ବିଧାନସଭାର ଶୀତ ଅଧିବେଶନ ଆରମ୍ଭ ହେବ । ଅଧିବେଶନର ପ୍ରଥମ ଦିନରେ ୨୦୨୪-୨୫ ଆର୍ଥିକ ବର୍ଷ ପାଇଁ ପ୍ରଥମ ଅତିରିକ୍ତ ବଜେଟକୁ ରାଜ୍ୟ ଅର୍ଥମନ୍ତ୍ରୀ ତଥା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଉପସ୍ଥାପିତ କରିବେ । ଏହି ଅଧିବେଶନ ଡିସେମ୍ବର ୩୧ତାରିଖ ପର୍ଯ୍ୟନ୍ତ ମୋଟ ୩୦ଦିନ ଚାଲିବାକୁ କାର୍ଯ୍ୟସୂଚୀ ପ୍ରସ୍ତୁତ ହୋଇଛି ।

## ଅଙ୍ଗନବାଡି କର୍ମୀ ପାଇବେ ସୁଭଦ୍ରା ଟଙ୍କା, ଉପମୁଖ୍ୟମନ୍ତ୍ରୀଙ୍କ ବଡ ସୂଚନା

ଭୁବନେଶ୍ୱର,୩୦।୧୦(ପି.ଏନ): ଅଙ୍ଗନବାଡି କର୍ମୀଙ୍କ ପାଇଁ ଖୁସି ଖବର। ବର୍ତ୍ତମାନ ଅଙ୍ଗନବାଡି କର୍ମୀ ପାଇବେ ସୁଭଦ୍ରା ଟଙ୍କା। ଏନେଇ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ସୂଚନା ଜାରି କରିଛନ୍ତି। ପ୍ରଥମ କିସ୍ତିର ତୃତୀୟ ପର୍ଯ୍ୟାୟରେ ଅଙ୍ଗନବାଡି କର୍ମୀ ଟଙ୍କା ପାଇବେ। ଏହାର ତାଲିକା ପ୍ରସ୍ତୁତ ହେଉଛି, ଖୁବଶୀଘ୍ର ଜାରି ହେବ। ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା କହିଛନ୍ତି ଯେ, ତୃତୀୟ ପର୍ଯ୍ୟାୟରେ ବାଦ ପଡିଥିବା ସମସ୍ତ ଅଙ୍ଗନବାଡି କର୍ମୀମାନଙ୍କୁ ସୁଭଦ୍ରା ଟଙ୍କା ମିଳିବ ।ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡାଙ୍କ ସୁଭଦ୍ରାକୁ ନେଇ ଗୁରୁତ୍ୱପୂର୍ଣ୍ଣ ସୂଚନା ରହିଛି। ସେ କହିଛନ୍ତି, 'ବାଦ୍ ପଡିଥିବା ସବୁ ଅଙ୍ଗନବାଡି କର୍ମୀଙ୍କୁ ତୃତୀୟ ପର୍ଯ୍ୟାୟରେ ମିଳିବ ସୁଭଦ୍ରା ଟଙ୍କା। ଏଥିରେ କୌଣସି ଯୋଗ୍ୟ




ହିତାଧିକାରୀ ବାଦ୍ ପଡିବେନି। ଖାରଜ ହୋଇଥିବା ୨ ଲକ୍ଷ ୬୭ ହଜାର ଆବେଦନ ରି-ଚେକ୍ ହେବ। ବାରମ୍ବାର ଚେକ୍ ହେବ, କେହି ବି ବଞ୍ଚିତ ହେବେ ନାହିଁ। ଏଥିପାଇଁ ୧ ତାରିଖରେ ନୋଡାଲ ଏଜେନ୍ସି ନିଯୁକ୍ତ ହେବେ।'

## ରେକର୍ଡ ୨୫ ଲକ୍ଷ ଦୀପରେ ଝଲସିଲା ଅଯୋଧ୍ୟା

ଭୁବନେଶ୍ୱର,୩୦।୧୦(ପି.ଏନ): ଅଯୋଧ୍ୟାରେ ଭବ୍ୟ ରାମ ମନ୍ଦିର ପ୍ରତିଷ୍ଠା ହେବା ପରେ ବୁଧବାର ପ୍ରଥମ ଥର ପାଇଁ ପାଳନ ହୋଇଛି ଦୀପୋତ୍ସବ। ପୂରା ଅଯୋଧ୍ୟା ରେକର୍ଡ ୨୫ ଲକ୍ଷ ଦୀପରେ ଝଟକିଛି। ଏକକାଳୀନ ଏତେ ସଂଖ୍ୟକ ଦୀପ ଜଳିବା ଗୋଟିଏ ବିଶ୍ୱ ରେକର୍ଡ ।ବାସ୍ତବରେ ଆୟୋଜକମାନେ ୨୫ ଲକ୍ଷ ଦୀପ ଜାଳିବାକୁ ଯୋଜନା କରିଥିଲେ। କିନ୍ତୁ ସରଜୁ ନଦୀ କୂଳରେ ଅତିରିକ୍ତ ୩ ଲକ୍ଷ ଦୀପ ଲୋକମାନେ ଜାଳି ପୂରା ପରିବେଶକୁ ଆହୁରି ଭବ୍ୟ କରିଛନ୍ତି। ଦୀପ ଜଳିବା ପରେ ପୂରା ପରିବେଶ ସୁବର୍ଣ୍ଣ ରଙ୍ଗରେ ରଙ୍ଗାୟିତ ହେଲା ଭଳି ଦେଖାଯାଇଥିଲା ।ଏପରି ଦୀପୋତ୍ସବ ଅଯୋଧ୍ୟା ଭଳି ପବିତ୍ର ସହରର ଧାର୍ମିକ, ପାରମ୍ପରିକ ଓ



ସାଂସ୍କୃତିକ ବାତାବରଣକୁ ଦ୍ୱିଗୁଣିତ କରିଛି। ଦୀପୋତ୍ସବ ବେଳେ ମିଆଁମାର, ନେପାଳ, ଥାଇଲ୍ୟାଣ୍ଡ, ମାଲେସିୟା, କାମ୍ବୋଡିଆ ଓ ଇଣ୍ଡୋନେସିଆର କଳାକାରମାନେ ଆଧ୍ୟାତ୍ମିକ କଳା ପ୍ରଦର୍ଶନ କରିଥିଲେ।













# ଟି ଟାଇମ୍

## ପ୍ରଦୂଷଣ ବିହୀନ କାର୍

ଗାଡ଼ିମଟରର ବ୍ୟବହାର ପ୍ରଦୂଷଣ ବଢ଼ାଇଥାଏ । କିନ୍ତୁ ଏହି ଫଟୋ ଦେଖି ଆପଣ ଅନୁମାନ ଲଗାଇପାରୁଥିବେ କାର୍ ନିର୍ମାତାମାନେ ପ୍ରଦୂଷଣ ରୋକିବା ପାଇଁ ଅନେକ ପରିଶ୍ରମ କରୁଛନ୍ତି । ଏହା ସ୍ମାର୍ଟ ଫୋରଟୁ କାର୍। ଏଥିରେ ପାଂଚ ବର୍ଗ ମିଟର କ୍ଷେତ୍ରରେ ଘାସ ଜମା ହୋଇଛି । ଯାହା ପ୍ରକୃତରେ ସତସତିକା ଘାସ ନୁହେଁ ଏହା ସିଡ଼ମ ଘାସ। କାର ନିର୍ମାତାମାନେ ସେହି ସିଡ଼ମ ଘାସର ବ୍ୟବହାର କରିଛନ୍ତି । ସ୍ମାର୍ଟ ଫୋରଟୁ କାର୍ ମୁବଲ ଲ୍ୟାବର ଗ୍ରୀନ୍ ସ୍କ୍ରିନ୍ ପ୍ରୋଜେକ୍ଟ ଅନ୍ତର୍ଗତ । ମୁବଲଙ୍କ କହିବା ଅନୁସାରେ ରାସ୍ତାରେ ଯେତେବେଳେ ଏହି ଧରଣର କାର୍ ଚଳିବ, ପ୍ରଦୂଷଣ କମ୍ ହେବ ଓ ପର୍ଯ୍ୟାବରଣର ପରିସ୍ଥିତି ସୁଧୁରିବ। ଏହି କାର୍‌କୁ ପ୍ରଥମେ ଜର୍ମାନଠାରେ ସ୍ଟଟଗାର୍ଟରେ ଆସନ୍ତା ବର୍ଷର ପ୍ରଥମ ମାସରେ ସଡ଼କ ଉପରକୁ ଅଣାଯିବ । କମ୍ପାନୀର କହିବାନୁସାରେ ଏହି କାର୍ ପ୍ରତିବର୍ଷ ୭କିଲୋଗ୍ରାମ କାର୍ବନ ଡାଇଅକ୍ସାଇଡ଼ ଗ୍ୟାସ୍ କମ୍ କରିଥାଏ । ଯାହା ଗୋଟିଏ ଗଛ ସେହି ସମୟରେ ୨.୬କାର୍ବନକୁ ସଫା କରିଥାଏ । ଏମିତି ଦେଖିବାକୁ ଗଲେ ଅଟୋ ସେକ୍ଟରର ଇଞ୍ଜିନିୟର ମାନେ ଏବେ ଗ୍ରୀନ୍ ସଲ୍ୟୁସନ୍‌କୁ ନେଇ ଅଧିକ ଜାଗ୍ରତ ଅଛନ୍ତି । ଆମେରିକୀୟ କମ୍ପାନୀ ଫୋର୍ଡ଼ ଗିକି ସହିତ ମିଶି ଏହି ଦିଗରେ କାମ କରୁଛି ।

## ମୋଗଲ ଯୁଗର ଘଂଟେଓ୍ୱାଲା ଦୋକାନ




ଦିଲ୍ଲୀର ଚାନ୍ଦିନି ଚୌକ ସ୍ଥିତ ୨୨୫ବର୍ଷ ପୁରୁଣା ମିଠା ଦୋକାନ ଘଂଟେଓ୍ୱାଲାକୁ କ୍ରୟ କରିବା ପାଇଁ ଆରମ୍ଭ ହୋଇଯାଇଛି ପ୍ରତିଯୋଗିତା। ଏଥିପାଇଁ କିଛି ବ୍ୟବସାୟ ୧୦କୋଟି ଟଙ୍କାର ଅଫର ଦେଇଥିଲା ବେଳେ ଦୋକାନର ମାଲିକ ୧୦୦କୋଟିରୁ ଅଧିକ ଦାବି କରୁଥିବା କୁହାଯାଉଛି। ୧୭୯୦ ମସିହାରେ ମୋଗଲ ଶାସନ ସମୟରେ ଏହି ମିଠା ଦୋକାନର ଆରମ୍ଭ ହୋଇଥିଲା। ମିଠା ଏବଂ ନମକିନ ପାଇଁ ଏହି ଦୋକାନର ଖ୍ୟାତି ଖାଲି ଦିଲ୍ଲୀ ନୁହେଁ ଦେଶ ବାହାରେ ମଧ୍ୟ ରହିଛି। ତେବେ ବର୍ତମାନର ଦୋକାନ ମାଲିକ ସୁଶାନ୍ତ ଜୈନ ଏହି ଦୋକାନକୁ କିଛି ଦିନ ହେବ ବନ୍ଦ କରିଛନ୍ତି। ତାଙ୍କ ଯୁକ୍ତି ହେଉଛି ଯେ, କ୍ୱାଲିଟ କଂଟ୍ରୋଲ ବିଭାଗର ଚାପ ଯୋଗୁ ଦୋକାନ ଚଳାଇବା କଷ୍ଟ ହେଉଛି। ଏଥିସହ ଦୋକାନ ବନ୍ଦ କରିବାର ଅନ୍ୟ କାରଣ ମଧ୍ୟ ରହିଛି। ଦୋକାନ ବନ୍ଦ କାରଣରୁ ପୁରୁଣା ଦିଲ୍ଲୀର ଲୋକମାନଙ୍କ ମଧ୍ୟରେ ନିରାଶା ଭାବ ଦେଖାଦେଇଛି। ଦୋକାନ ବିକ୍ରି ହେବାର ଚର୍ଚ୍ଚା ଯୋର ଧରିଥିବାରୁ ବହୁ ଦୋକାନି ଦୋକାନ କିଣିବା ପାଇଁ ଆଗ୍ରହ ପ୍ରକାଶ କରିଛନ୍ତି। ଏଥିପାଇଁ ୧୦କୋଟିରୁ ଅଧିକ ଟଙ୍କାର ଅଫର ମଧ୍ୟ ସେମାନେ ଦେଲେଣି।

## ସ୍ୱର୍ଗଦ୍ୱାର ପାଲଟିଛି ଗଛ

ଇଣ୍ଡୋନେସିଆର ଦକ୍ଷିଣ ସୁଲାବେସି ପ୍ରାନ୍ତରେ ଏଭଳି ଏକ ଗଛ ରହିଛି ଯାହାକୁ ନେଇ ସେଠାକାର ଲୋକଙ୍କର ଏକ ଅନ୍ଧବିଶ୍ୱାସ କରିଛି । କଥା କ’ଣ ସେହି ଗଛ ନିଜେ ହିଁ ସେ ଅଂଚଳର ସ୍ୱର୍ଗଦ୍ୱାର ପାଲଟିଛି । ସେଠାକାର ଅନେକ ଲୋକ ତାଙ୍କ ପିଲାମାନଙ୍କର ମୃତ୍ୟୁ ପରେ ତାଙ୍କ ମୃତ ଦେହକୁ ମାଟିରେ ପୋତିବା ବଦଳରେ ଗଛ ମଧରେ ହିଁ ପୋତିଥାନ୍ତି । ସେମାନଙ୍କ ମାନ୍ୟତା ରହିଛି ସେପରି କଲେ ସେମାନଙ୍କର ପିଲାମାନଙ୍କୁ ପ୍ରକୃତି ତାଙ୍କ ମଧରେ ଆଶ୍ରୟ ଦେଇଥାଏ । ଏହି ଖାସ୍ ପ୍ରକାରର ଗଛ ସେଠାକାର ତାନା ତୋରାଜା ନାମକ ସ୍ଥାନରେ ଅବସ୍ଥିତ । ସେ ଗାଁର ପିଲାମାନେ ମରିଯିବା ପରେ ଗଛରେ ତାଙ୍କର ସମାଧି ବନାଇବା ପାଇଁ ଗଛର ଗଣ୍ଡିକୁ ପ୍ରଥମେ ଖୋଳି ସ୍ଥାନ ବନାଇଥାନ୍ତି ପରେ ତାଙ୍କ ଶିଶୁର ଶବକୁ ଗୋଟିଏ କପଡ଼ାରେ ଗୁଡ଼ାଇ ସେହି ଗଛ ମଧରେ ରଖିଦିଅନ୍ତି । ତା’ପରେ ଗାତକୁ ପୋତିବା ପାଇଁ ଗଛ ଗଣ୍ଡିରେ ପ୍ରସ୍ତୁତ ପ୍ରାଇବର ଚଦର ବ୍ୟବହାର କରନ୍ତି । ଗଛ ମଧରେ କେବଳ ସେହି ପିଲାମାନଙ୍କୁ ପୋତାଯାଏ ଯାହାର ଦାନ୍ତ ଉଠିନଥିବ । ସମୟକ୍ରମେ ସେହି ଖାଲ ସ୍ଥାନ ଆପେ ଆପେ ପୂରିଯାଏ । ଏହାକୁ ଦେଖି ଗାଁଲୋକ ମାନି ନିଅନ୍ତି ତାଙ୍କ ମରିଯାଇଥିବା ଶିଶୁକୁ ପ୍ରକୃତିର କୋଳକୁ ଚାଲିଗଲା ।



## ପୁରାଣ କାହାଣୀ

# ନାରୀଙ୍କ ସାତଟି ବିଶେଷ ଗୁଣ



ଭଗବାନ ତାଙ୍କ ସୃଷ୍ଟିର ସମସ୍ତ ଜୀବଙ୍କ ଭିତରେ, ଆତ୍ମା ରୂପରେ ସମାନ ଭାବରେ ପୂରି ରହି ସମସ୍ତଙ୍କୁ ସଂଚାଳିତ କରୁଥିଲେ ମଧ୍ୟ ଭିନ୍ନ ଭିନ୍ନ ଲୋକଙ୍କର ପୃଥକ୍ ପୃଥକ୍ କର୍ମ ସମ୍ପାଦନ ନିମିତ ଶକ୍ତିର ବିଭିନ୍ନତା ଦୃଷ୍ଟିରୁ ସେମାନଙ୍କ ଭିତରେ ଭଗବାନ୍‌ଙ୍କ ବିଭୂତିର ତାରତମ୍ୟ ଦେଖାଦେଇଥାଏ । ସେହି ଦୃଷ୍ଟିରୁ ପିଲାମାନଙ୍କୁ ଜନ୍ମ ଦେଇ ସେମାନଙ୍କର ଲାଳନପାଳନ କରିବା ସହିତ ଅନ୍ୟମାନଙ୍କ ପ୍ରତି ଅନୁକମ୍ପା ପ୍ରଦର୍ଶନ କରି ପରିବାର ଏବଂ ସମାଜରେ ମାଧୁର୍ଯ୍ୟର ଭାବ ସୃଷ୍ଟି କରିବା ଭଳି କର୍ତବ୍ୟ ସମ୍ପାଦନ ପାଇଁ ଭଗବାନ୍ ତାଙ୍କ ବିଭୂତି ରୂପରେ ନାରୀମାନଙ୍କଠାରେ ସାତୋଟି ବିଶେଷ ଗୁଣ ରୂପରେ ପ୍ରକାଶ ହୋଇଛନ୍ତି । ସେହିଗୁଣଗୁଡ଼ିକ ହେଉଛି କୀର୍ତି, ଶ୍ରୀ, ବାକ୍, ସ୍ମୃତି, ମେଧା, ଧୃତି ଏବଂ କ୍ଷମା । ଭଗବାନ କୀର୍ତି ରୂପରେ ନାରୀମାନଙ୍କଠାରେ ପ୍ରକାଶିତ ହୋଇ ନାରୀଙ୍କର ପବିତ୍ରତା, ନିଷ୍କଳଙ୍କ ଚରିତ୍ର ଏବଂ ସଦାଚରଣର ଭାବକୁ ନେଇ ତାଙ୍କର ସୁଖ୍ୟାତି ପ୍ରକାଶ କରିଛନ୍ତି । ସେହି ଦୃଷ୍ଟିରୁ ନାରୀମାନେ ତାଙ୍କ ଉପରେ ନିର୍ଭରଶୀଳ ତାଙ୍କ ପରିବାରର ସମସ୍ତ କାମସବୁ ଠିକ୍ ସମୟରେ କରିଦେବା ଦରକାର । ଏହାଦ୍ୱାରା ପରିବାରବର୍ଗ ଆନନ୍ଦପ୍ରାପ୍ତ ହେବେ ଓ ପରିବାରରେ ଶାନ୍ତିର ବାତାବରଣ ସୃଷ୍ଟି ହେବ ।

ଭଗବାନ୍ ନାରୀମାନଙ୍କ ଶରୀରରେ ମେଧା ରୂପରେ ନିବାସ କରିଥାଆନ୍ତି । ଏହା ହେଉଛି ଧୀଶକ୍ତି ବା ଧାରଣ କରିବାର ଶକ୍ତି । ଏହି ଶକ୍ତିସମ୍ପନ୍ନ ବ୍ୟକ୍ତିକୁ ଯାହା ଥରେ ଶିଖାଇ ଦିଆଯାଏ ସେ ତାହା ସହଜରେ ମନେ ରଖିଥାଆନ୍ତି, ଏପରିକି କେତେକ ବିଷୟ ଜୀବନର ଶେଷ ପର୍ଯ୍ୟନ୍ତ ତାଙ୍କ ମନରେ ରହିଯାଇଥାଏ । ନାରୀମାନଙ୍କ ମେଧା ଦୃଷ୍ଟିରୁ ସେମାନେ ସମସ୍ତ କାମକୁ ଶୀଘ୍ର ବୁଝିଥାନ୍ତି ଓ ବିରକ୍ତି ପ୍ରକାଶ ନକରି ସେ ସବୁର ସମ୍ପନ୍ନ କରିବା ନାରୀପକ୍ଷେ ସହଜସାଧ୍ୟ ହୋଇଥାଏ । ଏହି ଦୃଷ୍ଟିରୁ ଯାହାର ଧୀଶକ୍ତି ଯେତେ ପ୍ରଖର ତା’ର ସେତିକି ଅଧିକ ଆଦର । ଭଗବାନଙ୍କ ବିଭୂତି ଆତ୍ମବଳ ରୂପରେ ନାରୀଙ୍କଠାରେ ପ୍ରକଟିତ ହୋଇ ତାଙ୍କୁ ପ୍ରଦାନ କରୁଥିବା ଧୈର୍ଯ୍ୟ ବା ଧାରଣ କରିବାର ଶକ୍ତି ହେଉଛି ଧୃତି । ଯାହାର ଜୀବନରେ ଧୃତି କମିଯାଏ ସେ ବିଶେଷ ଶକ୍ତିଶାଳୀ ହୋଇ ପାରିନଥାନ୍ତି ଏବଂ ଜୀବନରେ ସଫଳ ହୋଇପାରି ନଥାନ୍ତି । ଦଣ୍ଡ ଦେବାର ଶକ୍ତିଥିଲେ ମଧ୍ୟ ଅପରାଧକୁ ଭୁଲି, ଅପରାଧୀକୁ କିଛି ଦଣ୍ଡ ନ ଦେବା ହେଉଛି କ୍ଷମା। ବିଭୂତି ରୂପରେ ନାରୀମାନଙ୍କ ପାଖରେ ଭଗବାନ ରହି ସେମାନଙ୍କ ସ୍ୱଭାବସୁଲଭ କର୍ତବ୍ୟ ପାଳନ ପାଇଁ ଏହି ସଦ୍‌ଗୁଣର ବିଶେଷ ପ୍ରଭାବ ଅଛି। ଭଗବାନ ତାଙ୍କ ବିଭୂତି ରୂପରେ ପ୍ରକାଶ କରିଥିବା ସାତୋଟି ଗୁଣକୁ ଧାରଣ କରିଥିବା ଜଣେ ଆଦର୍ଶ ନାରୀ ସତୀସାଧ୍ୱୀ ରୂପରେ ଏତେ ଉପରକୁ ଉଠି ଯାଇପାରିବେ ଯେପରି ଲୋକେ ମନେ କରିବେ ଯେ ଜଣେ ଦେବୀ ସ୍ୱର୍ଗରୁ ପୃଥିବୀକୁ ଓହ୍ଲାଇ ଆସିଛନ୍ତି । ସେତେବେଳେ ସେ ପୃଥିବୀ ପରି କ୍ଷମାଶୀଳ, ସମୁଦ୍ର ପରି ଗମ୍ଭୀର, ଗଙ୍ଗା ମାତାଙ୍କ ପରି ପାବନୀ ଏବଂ ଦୃଷ୍ଟଙ୍କ ପାଇଁ ପ୍ରଜ୍ୱଳିତ ଅଗ୍ନି ସ୍ୱରୂପ ହୋଇଯାଇପାରେ । ସେ ସମସ୍ତଙ୍କୁ ଶୀତଳତାର ସ୍ପର୍ଶ ଦେଇପାରିବ ଓ ଆକାଶ ପରି ସମସ୍ତଙ୍କୁ ଧାରଣ କରିପାରିବ ।

## ଦେବୀ ରାଧାଙ୍କ ଜନ୍ମ ରହସ୍ୟ

ବ୍ରହ୍ମବୈବର୍ତ ପୁରାଣରେ ଦେବୀ ରାଧାଙ୍କ ଜନ୍ମ ରହସ୍ୟ କଥା ଉଲ୍ଲେଖ କରାଯାଇଛି । ଦେବୀ ରାଧା ଭଗବାନ୍ ଶ୍ରୀକୃଷ୍ଣଙ୍କ ସହ ଗୋଲକରେ ନିବାସ କରୁଥାନ୍ତି । ଥରେ ଗୋଲକରେ ଦେବୀ ସୀତା ନଥିଲେ । ଶ୍ରୀକୃଷ୍ଣ ବିରଜା ନାମକ ପତ୍ନୀଙ୍କ ସହ ବିବାହ କରୁଥିଲେ । କୃଷ୍ଣ ଓ ବିରଜାଙ୍କ ବିବାହର କଥା ରାଧାଙ୍କୁ ସୂଚନା ମିଳିବା ମାତ୍ରେ ସେ ଗୋଲକକୁ ଆସିଲେ । ସେ କୃଷ୍ଣ ଓ ବିରଜାଙ୍କୁ ଦେଖି ରାଗିଯାଇ ଶ୍ରୀକୃଷ୍ଣଙ୍କୁ ଅନେକ କଥା ଶୁଣାଇଲେ । ଯାହାଫଳରେ ଶ୍ରୀକୃଷ୍ଣଙ୍କ ମିତ୍ର ସୁଦାମାଙ୍କୁ କ୍ରୋଧ ଆସିଲା । ସେ କ୍ରୋଧିତ ହୋଇ ଦେବୀ ରାଧାଙ୍କୁ ଅପମାନ କଲେ । ଯାହାଫଳରେ ଦେବୀ ରାଧା ଓ ସୁଦାମା ପରସ୍ପରକୁ ଅଭିଶାପ ଦେଲେ । ସୁଦାମାଙ୍କ ଅଭିଶାପ କଥା ରାଧା ଶ୍ରୀକୃଷ୍ଣଙ୍କୁ କହିଥିଲେ । ଶ୍ରୀକୃଷ୍ଣ ଦେବୀ ରାଧାଙ୍କୁ କହିଥିଲେ ଯେ ପୃଥିବୀରେ ତୁମେ ଗୋକୁଳରେ ଦେବୀ କୀର୍ତି ଏବଂ ବୃଷଭାନୁଙ୍କ କନ୍ୟାରୂପେ ଜନ୍ମଗ୍ରହଣ କରିବ। ସେଠାରେ ତୁମର ବିବାହ ରାୟାଣ ନାମକ ଏକ ବୈଶ୍ୟ ସହ ହେବ ଏବଂ ସାଂସାରିକ ଭାବେ ତୁମେ ରାୟାଣଙ୍କ ପତ୍ନୀ ବୋଲି କୁହାଯିବ । ରାୟାଣ ହେଉଛି ମୋର ଏକ ଅଂଶ । ରାଧା ରୂପରେ ତୁମର ମୋର ପ୍ରିୟା ହୋଇ ରହିବ ଏବଂ କିଛି ସମୟ ପାଇଁ ଆମ ମଧ୍ୟରେ ବିଚ୍ଛେଦ ହେବ। ସୁଦାମାଙ୍କ ଅଭିଶାପରେ ଗୋକୁଳରେ ଦେବୀ ରାଧା କୀର୍ତି ଏବଂ ବୃଷଭାନୁଙ୍କ କନ୍ୟା ରୂପରେ ଜନ୍ମଗ୍ରହଣ କଲେ ।

## ଏକାଧିକ ବିବାହ କରନ୍ତି ଖାସି ସମ୍ପ୍ରଦାୟର ମହିଳା



ବିଶ୍ୱର ବିଭିନ୍ନ ଦେଶରେ ଭଳିକିଭଳି ଆଦିବାସୀ ଅଛନ୍ତି । ସେମାନଙ୍କ ସଂସ୍କୃତି ଓ ପରମ୍ପରା କୌଣସି ରହସ୍ୟଠାରୁ କିଛି କମ୍ ନୁହେଁ । ମେଘାଳୟରେ ରହୁଥିବା ଖାସି ସମ୍ପ୍ରଦାୟର ମହିଳାଙ୍କ ହାତରେ ପରିବାରର ଦାୟିତ୍ୱ ନ୍ୟସ୍ତ ହୋଇଥାଏ । ଏହି ସମ୍ପ୍ରଦାୟର ପୁରୁଷମାନେ ବିବାହ ପରେ ଶ୍ୱଶୁର ଘରେ ଯାଇ ରୁହନ୍ତି । ଏଠାରେ ପୁରୁଷମାନଙ୍କୁ ଘରର ସବୁକାମ କରିବାକୁ ହୋଇଥାଏ। ବାହାରର ସବୁ କାମ ମହିଳା କରନ୍ତି । ମେଘାଳୟରେ ଥିବା ବଜାରଗୁଡ଼ିକର ଦୋକାନରେ ମହିଳା କାମ କରନ୍ତି। ଖାସି ସମ୍ପ୍ରଦାୟରେ ଘରର ସାନ ଝିଅକୁ ସବୁଠୁ ଅଧିକ ସମ୍ପତି ମିଳିଥାଏ । ଏହି କାରଣରୁ ଘରର ସାନଝିଅ ମାତା-ପିତା, ଅବିବାହିତା ପୁଅ-ଝିଅଙ୍କର ଦେଖାଶୁଣା କରିଥାଏ। ଏହି ସମ୍ପ୍ରଦାୟର ଛୋଟ ଝିଅମାନେ ପିଲାଦିନେ ପଶୁହାଡ଼ରେ ଖେଳନ୍ତି । ଏଗୁଡ଼ିକ ସେମାନେ ଆଭୂଷଣଭାବେ ବ୍ୟବହାର କରନ୍ତି । ଖାସି ସମ୍ପ୍ରଦାୟର ପରିବାରଗୁଡ଼ିକ ମହିଳା କୈନ୍ଦ୍ରିକ ପରିବାର । ଅନେକ ଦିନ ପୂର୍ବରୁ ଏହି ସମ୍ପ୍ରଦାୟର ପୁରୁଷମାନେ ଯୁଦ୍ଧକୁ ପଳାଇ ଯାଇଥିଲେ ଓ ମହିଳାଙ୍କୁ ଛାଡ଼ି ଦେଇ ଯାଇଥିଲେ । ଏଥିଯୋଗୁଁ ପୁଅଝିଅମାନଙ୍କୁ ଘରର ମହିଳାମାନେ ସେମାନଙ୍କ ଉପନାମ ଦେଉଥିଲେ । ସେହିଭଳି ଖାସି ମହିଳାଙ୍କର ଅନେକ ଜୀବନସାଥୀ ଥାଏ । ତେଣୁ ପିଲାମାନଙ୍କୁ ମହିଳାମାନେ ସେମାନଙ୍କର ଉପନାମ ଦେଉଥିଲେ । ଏହି ସମ୍ପ୍ରଦାୟରେ କନ୍ୟା ସନ୍ତାନ ଜନ୍ମନେଲେ ମହିଳାମାନେ ଖୁସି ମନାନ୍ତି ।

## ଖାଦ୍ୟରେ ଟଏଲେଟ୍ ବ୍ରସ୍

ବ୍ରିଟେନ୍‌ରେ ରହୁଥିବା ଦୁଇବର୍ଷର ଲିଲି ନାମକ ଏକ ଛୋଟ ଝିଅ । ଯିଏ ଏକ ଭିନ୍ନ ଅଭ୍ୟାସରେ ପଡିଯାଇଛି । ତାକୁ ସାମାନ୍ୟ ଦ୍ରବ୍ୟ ଖାଇବାର ରୁଚି ବହୁତ କମ୍ ଥାଏ। ଡାକ୍ତରଙ୍କ ମତ ଅନୁସାରେ ଲିଲି ପିକା ନାମକ ଏକ ରୋଗରେ ପୀଡିତ । ଏହି ରୋଗ କାରଣରୁ ଲିଲିକୁ ଟଏଲେଟ୍ ସଫା କରାଯାଉଥିବା ବ୍ରସ୍ ଏବଂ କପଡା ଖାଇବାର ଅଭ୍ୟାସ ରହିଛି । ଡାକ୍ତର ମଧ ଲିଲିର ଏପରି ବ୍ୟବହାରରେ ଆଶ୍ଚର୍ଯ୍ୟ ହୋଇଯାଇଛନ୍ତି । କେତେବେଳେ ଲିଲି କାହାର ନଜର ଆଢୁଆଳରୁ ଖସିଯିବାରେ ସଫଳ ହୋଇଛି । ଏହାପରେ ସେ ସିଧା ବାଥ୍‌ରୁମ୍ ଭିତରେ ପସିଯାଏ ଏବଂ ସେଠାରେ ରଖାଯାଇଥିବା କପଡା ଏବଂ ଟଏଲେଟ୍ ବ୍ରସ୍‌କୁ ଖାଇବା ଆରମ୍ଭ କରିଦେଇଥାଏ ।

## ଓଲଟା ଚାଲିବାର ଅଭ୍ୟାସ



ଦୁନିଆରେ ଭିନ୍ନ ଭିନ୍ନ କାହାଣୀ ବହନ କରୁଥିବା ଲୋକ ବାସବାସ କରନ୍ତି। ଏବେ ଦେଖନ୍ତୁ ତାମିଲ୍‌ନାଡ୍ରୁ ତ୍ରିପୁରାରେ ରହୁଥିବା ମଣିମଣିଥନ୍ ଯିଏ ଓଲଟା ଚାଲିଥାନ୍ତି। ୧୯୮୯ରେ ଦେଶଯାକରେ ସୃଷ୍ଟି ହୋଇଥିବା ଆତଙ୍କ ଘଟଣାରେ ଆହତ ହୋଇଥିଲେ ତ୍ରିପୁରାର ମଣିମଣିଥନ୍। ବିଶ୍ୱଶାନ୍ତି ପ୍ରତିଷ୍ଠା ପାଇଁ ଓଲଟା ଚାଲିବା ତାଙ୍କର ଏକ ଅଭିନବ ପ୍ରୟାସ ବୋଲି ମଣି କହନ୍ତି। ଦୀର୍ଘ ୨୬ବର୍ଷ କାଳ ଏଭଳି ଅଜବ୍ ଢ଼ଙ୍ଗରେ ଚାଲିବା ଅଭ୍ୟାସ ଜାରି ରଖିଛନ୍ତି। ତେବେ ଚାଲିବା ସମୟରେ ତାଙ୍କୁ ସଡକ ପାର କରିବାକୁ ପଡୁ କି ସିଡି ଚଢିବାକୁ ହେଉ ସେ ସଦାସର୍ବଦା ଓଲଟା ହିଁ ଚାଲିଥାନ୍ତି। ଫଳରେ ସିଧା ଚାଲିବା ସେ ସମ୍ପୂର୍ଣ୍ଣ ରୂପେ ଭୁଲି ଗଲେଣି ଏବଂ ଓଲଟା ଚାଲିବା ନିତିଦିନିଆ ଅଭ୍ୟାସରେ ପରିଣତ ହୋଇଗଲାଣି।

## ଆଜିର ଭାଗ୍ୟ


ମେଷ
ସେବା ମନୋଭାବ ଯୋଗୁଁ କର୍ମକ୍ଷେତ୍ରରେ ସମ୍ମାନୀୟ ବ୍ୟକ୍ତି ବିଶେଷଙ୍କଠାରୁ ସାହାଯ୍ୟ ସହଯୋଗ ପାଇବେ। ବ୍ୟବସାୟ ଓ ନିର୍ମାଣ କ୍ଷେତ୍ରରେ ସମସ୍ୟର ସମାଧାନ ହେବ। ଶତ୍ରୁ ବୃଦ୍ଧି ହୋଇପରେ। ମହିଳାମାନେ ମାନସିକ ଚିନ୍ତାର ଶିକାର ହେବେ।


ବୃଷ
ନିଜ ଲୋକମାନେ ଇର୍ଷା ପରାୟଣ ହୋଇ ପରିସ୍ଥିତିକୁ ଭିନ୍ନ ରୂପ ଦେଲେ ମଧ୍ୟ ଆପଣ ନିଜର କଳା କୌଶଳ ପ୍ରୟୋଗ କରି ଜୟ ଯୁକ୍ତ ହେବେ। ଅର୍ଥ ସଂଗ୍ରହ କରିବାରେ ତତ୍ପରତା ପ୍ରକାଶ କରିବେ। ମହିଳାମାନେ ଅପମାନିତ ହୋଇପରନ୍ତି।


ମିଥୁନ
ସମସ୍ୟା ଉପରେ ସମସ୍ୟାର ସମାଧାନ କରି ବ୍ୟସ୍ତ ବିବ୍ରତ ହୋଇ ପଡିବେ। ସାଧାରଣ କଥାକୁ କେନ୍ଦ୍ର କରି ମନରେ ବିରକ୍ତି ଭାବ ସୃଷ୍ଟି ହୋଇପାରେ। ଆର୍ଥିକ ସ୍ୱଚ୍ଛଳତା ଓ ବନ୍ଧୁଙ୍କର ସାନ୍ନିଧ ଲାଭରୁ ଖୁସି ହେବେ।


କର୍କଟ
ପ୍ରତ୍ୟେକ କ୍ଷେତ୍ରରେ ସମସ୍ୟା ଆସିବାରୁ ମନ ଭାରାକ୍ରାନ୍ତ ରହିବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ସକାଶେ ଚିନ୍ତା କରିପାରନ୍ତି। ରାଜନୀତି କ୍ଷେତ୍ରରେ ପଦ ମର୍ଯ୍ୟାଦ ବୃଦ୍ଧି ପାଇବ। ଆଗାମୀ ମାଙ୍ଗଳିକ କାର୍ଯ୍ୟ ସକାଶେ ତତ୍ପରତା ପ୍ରକାଶ ପାଇବ।


ସିଂହ
ପ୍ରତ୍ୟେକ କ୍ଷେତ୍ରରେ ସଫଳତା ମିଳିବ। ସାମ୍ପତ୍ୟ ଜୀବନରେ ବୁଝାମଣା ନେଇ ତିକ୍ତତା ଦେଖା ଦେଇପାରେ। ନିର୍ମାଣ କ୍ଷେତ୍ରରେ ପ୍ରତିବନ୍ଧକ ସୃଷ୍ଟି ହୋଇପରେ। ଯେତେ ଭଲ କାମ କଲେ ମଧ ପ୍ରଶଂସା ବଦଳରେ ଅଭିଯୋଗ ପାଇବେ।


କନ୍ୟା
ପ୍ରତ୍ୟେକ କ୍ଷେତ୍ରରେ ଖର୍ଚ୍ଚାନ୍ତ ହୋଇ ଆଶା ପୂରଣ କରିବେ। କର୍ମକ୍ଷେତ୍ରରେ ସଙ୍କଟର ସମ୍ମୁଖୀନ ହେଲେ ମଧ କାର୍ଯ୍ୟକ୍ଷେତ୍ରରେ ସଫଳତା ହାସଲ କରିବେ। ଆନୁଷ୍ଠାନିକ କାମରେ ମହିଳାମାନେ ସମସ୍ୟାର ଦୃଢ଼ ମୁକାବିଲା କରିବେ।


ତୁଳା
ସ୍ତ୍ରୀଙ୍କର ପ୍ରେରଣା ଓ ସହଯୋଗରୁ ଉପକୃତ ହେବେ। କର୍ମକ୍ଷେତ୍ରରେ ଅତ୍ୟଧିକ ଖର୍ଚ୍ଚ କରିବାକୁବାଧ ହେବେ। ଆଶା କରୁଥିବା ଦିଗରୁ ଶୁଭ ଖବର ପାଇବେ। ମୋଟା ଅଙ୍କର ଅର୍ଥ ଖର୍ଚ୍ଚ କରି ସ୍ଥଗିତ କାମକୁ ତ୍ୱରାନିତ୍ୱ କରିବେ।


ବିଛା
ଚୁରତାର ସହ ବନ୍ଧୁଙ୍କ ମନରେ ବିଶ୍ୱାସ ଜନ୍ମାଇ କର୍ଯ୍ୟ ହାସଲ କରିବାରେ ସମର୍ଥ ହେବେ। ମାଙ୍ଗଳିକ କାର୍ଯ୍ୟ ସକାଶେ ଆଲୋଚନାରେ ବ୍ୟସ୍ତ ରହିବେ। ମନୋରଞ୍ଜନ କାର୍ଯ୍ୟକ୍ରମରେ ନିଜକୁ ନିୟୋଜିତ କରି ସାମୟିକ ଆନନ୍ଦ ପ୍ରାପ୍ତ କରିବେ।


ଧନୁ
ପାରିବାରିକ ଅସ୍ଥିରତା ଲାଗି ରହିଥିଲେ ମଧ୍ୟ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ କମ୍ ହେବ। ବନ୍ଧୁମାନଙ୍କ ଦ୍ୱାରା ସମସ୍ୟାର ସରଳ ସମାଧାନ ହେବ। ରାଜନୀତିକ ସ୍ତରରେ ଉନ୍ନତି କରିବେ। ମହିଳାମାନେ ପରିବାରର କଥାକୁ ଚିନ୍ତା କରି ଅସ୍ଥିର ହେବେ।


ମକର
କର୍ମକ୍ଷେତ୍ରରେ ଧୀରେ ସୁସ୍ତେ ଗତି କରିବେ। ବ୍ୟବସାୟକୁ ଆଗକୁ ବଢ଼ାଇବା ପାଇଁ ପଦକ୍ଷେପ ଗ୍ରହଣ କରିବେ। ନିଜ ଦୋଷରୁ ନିଜ ପାଇଁ ଅସୁବିଧା ସୃଷ୍ଟି କରିବେ। ମହିଳାମାନେ ଗଠନ ମୂଳକ ପରାମର୍ଶ ପାଇ ଖୁସି ହେବେ।


କୁମ୍ଭ
ସନ୍ତାନମାନଙ୍କ ସ୍ୱାସ୍ଥ୍ୟ ଓ ସ୍ୱଭାବ ଯୋଗୁଁ ବିଚଳିତ ରହିବେ। ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କର ସାହାଯ୍ୟ ଲୋଡିବେ। ବ୍ୟବସାୟ କ୍ଷେତ୍ରରେ ଆଶାନୁରୂପକ ଲାଭବାନ ହେବେ। ମହିଳାମାନଙ୍କର ସ୍ୱାସ୍ଥ୍ୟହାନୀ ଘଟିପାରେ।


ମୀନ
ଦୁଃସାହସିକ ପଦକ୍ଷେପ ନେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ। ମଜଳିଆ କଥା କହି ବନ୍ଧୁଙ୍କୁ ଆକର୍ଷିତ କରିବେ। କେତେକ କ୍ଷେତ୍ରରେ ଚାପରୁ ସମ୍ମୁଖୀନ ହୋଇପାରନ୍ତି। ସନ୍ତାନଙ୍କ ପାଇଁ ଗୌରାବାନିତ୍ୱ ମନେ କରିବେ।




# ଚିକିତ୍ସା ବିଜ୍ଞାନରେ ଗୁଡ଼ର ଆବଶ୍ୟକତା

ଆଜିର କରୋନା ମହାବିଭୀଷିକା ସମୟରେ ଲୋକମାନେ ନିଜର ରୋଗ ପ୍ରତିରୋଧକ ଶକ୍ତି ଓ ଶରୀରରେ ରକ୍ତ ବୃଦ୍ଧି ସହ ଶାରୀରିକ ପ୍ରତିପୋଷଣ ନିମିତ୍ତ ଗୁଡ଼କୁ ବେଶୀ ଆଦର କରୁଛନ୍ତି । ଗତବର୍ଷ ଠାରୁ କରୋନା ଦେଖାଦିଥିବା ପୂର୍ବରୁ ଗୁଡ଼ର ବ୍ୟବହାର ଓ ବିକ୍ରିବଟା ସେତେଟା ରହିନଥିଲା କିନ୍ତୁ ଏହି କରୋନା ହିଁ ଗୁଡ଼ର ବ୍ୟବହାରକୁ ଦେଖାଇଦେଲା । ବିଭିନ୍ନ ରୋଗରେ ଗୁଡ଼ର ପ୍ରୟୋଗ ରହିଛି । ଧରନ୍ତୁ ଜଣେ ଭଦ୍ରବ୍ୟକ୍ତିଙ୍କର ପାକସ୍ଥଳୀରେ ଗୋଟିଏ ମାଂସ ବୃଦ୍ଧି ହେଲା । ହୃତ୍‌ପିଣ୍ଡର ପରଦା ସବୁ କଠିନ ହୋଇଗଲା, ଶ୍ୱାସ ଯନ୍ତ୍ରର ନଳୀସବୁ ରୁଦ୍ଧ ହୋଇଗଲା । ଅଜୀର୍ଣ୍ଣ ହେଲା, ଝାଡ଼ା ସଫା ହେଲା ନାହିଁ । ଦାନ୍ତ ମାଢ଼ି ପାଚିଲା, ମୁଣ୍ଡରେ ପାଣି ଜମିବା ଓ ସ୍ନାୟୁ ବିଭାଗ ଦୁର୍ବଳ ହୋଇଗଲା, ଓଜନ କମି ଆସିଲା ଓ କେଶ ପାଚି ଧଳା ପଡ଼ିଗଲା । ବିଶେଷଜ୍ଞମାନଙ୍କ ମଧ୍ୟରୁ ପରାମର୍ଶ କ୍ରମେ ଔଷଧ ଖାଇ ମଧ୍ୟ ବିଶେଷ ଫଳ ମିଳି ନଥିଲା । ସେ ତାଙ୍କର ଜଣେ ପଡ଼ୋଶୀ ଠାରୁ ଡାକ୍ତର ସିରିଲ ସ୍କଟଙ୍କ ଗୁଡ଼ ଚିକିତ୍ସା ଶୁଣିବାକୁ ପାଇ ସେହି ଚିକିତ୍ସାର ଆଶ୍ରୟ ନେଲେ । କିଛିଦିନ ପରେ ତାଙ୍କ ପାକସ୍ଥଳୀରେ ହୋଇଥିବା ମାଂସବୃଦ୍ଧି ମିଳାଇ ଯିବା ସଙ୍ଗେ ସଙ୍ଗେ ତାଙ୍କର ଥିବା କେଶ କଳା ପଡ଼ିଯାଇଥିଲା । ସେହିପରି ଜରାୟୁରେ ମାଂସବୃଦ୍ଧି, ସ୍ତନରେ ମାଂସବୃଦ୍ଧି, ପାକସ୍ଥଳୀରେ ମାଂସବୃଦ୍ଧି, ଜିହ୍ୱାରେ ମାଂସବୃଦ୍ଧି ଇତ୍ୟାଦି । ମାଂସବୃଦ୍ଧିରେ ଘା' ହୋଇଥିଲେ ମଧ୍ୟ ଗୁଡ଼ ଚିକିତ୍ସାରେ ଆରୋଗ୍ୟ ଲାଭ କରିଥିବା ଦେଖାଯାଇଛି । ଅନେକ ହୁଏତ ଜାଣିନାହାଁନ୍ତି ଆଣ୍ଠୁ ଗଣ୍ଠି ବାତ ଓ କ୍ୟାନସର ପ୍ରାୟ ଏହି କାରଣରୁ ହୋଇଥାଏ । ଶରୀରରେ ପୋଟାସିୟମ ଲବଣର ଅଭାବ କ୍ୟାନସରର ମୁଖ୍ୟ କାରଣ । ମାଟିତଳେ ଯାଇଥିବା ଝରଣା ବା ଟ୍ରେନ ଉପରେ ବାସ କଲେ ବା ମାଟିତଳେ ଯାଇଥିବା ଦୁଇଟି ଜଳସ୍ରୋତ ପରସ୍ପରକୁ କାଟି ଥିବା ଛକ ଉପରେ ବାସକଲେ, ବାସ କରୁଥିବା ଅଧିବାସୀ ମାନଙ୍କୁ କ୍ୟାନସର ହେବାର ସମ୍ଭାବନା ଥାଏ । ପୋଟାସିୟମ ଲବଣ ରକ୍ତରେ ମିଳିବା ଭଳି ଅବସ୍ଥାରେ ଖାଇବାକୁ ଦେଇ କ୍ୟାନସର ରୋଗୀଙ୍କୁ ଆରୋଗ୍ୟ କରିଥିବା କଥା ଡାକ୍ତର ଫୋର୍ବେସ ରସ୍ ଦର୍ଶାଇଛନ୍ତି । ଗୁଡ଼ରେ ପ୍ରଚୁର ପରିମାଣରେ ପୋଟାସିୟମ ଥିବାରୁ କ୍ୟାନସର ରୋଗଗ୍ରସ୍ତ ବ୍ୟକ୍ତି ବିଶେଷଙ୍କୁ ଗୁଡ଼ ଖାଇବାକୁ ଦେବା ଉଚିତ । ଆଉ ଗୋଟିଏ କ୍ଷେତ୍ରରେ ଦେଖନ୍ତୁ, ଦୁଶ୍ଚିନ୍ତା ଆଣ୍ଠୁଗଣ୍ଠି ରୋଗ ପ୍ରତି କ୍ଷତିକାରକ । ଥରେ ଆରୋଗ୍ୟ ଲାଭ କଲାପରେ ଚିନ୍ତାଗ୍ରସ୍ତ ହେଲେ ଏହି ରୋଗ ପୁଣି ଆକ୍ରମଣ କରିବାର ଦେଖାଯାଏ । ଶରୀରରେ ଥିବା ପୋଟାସିୟମ ଲବଣ ଚିନ୍ତା ଯୋଗୁଁ କ୍ଷୟ ହୋଇଥାଏ । ଆଖୁରୁ ପ୍ରସ୍ତୁତ ଗୁଡ଼ରେ ଅନ୍ୟାନ୍ୟ ଫସଫେଟ ସହ ପ୍ରଚୁର ଲୌହ । ଏଥିରେ ପୋଟାସିୟମ ମଧ୍ୟ ଥାଏ । ଗୁଡ଼ରେ ଥିବା ଲୌହ ରକ୍ତରେ ଦହନ କ୍ରିୟାରେ ସାହାଯ୍ୟ କରିଥାଏ । ଚର୍ମ ରୋଗରେ ଗୁଡ଼ ଚିକିତ୍ସା ବିଶେଷ ଫଳପ୍ରଦ । ଉଦାହରଣ ବଶତଃ ଭଦ୍ର ବ୍ୟକ୍ତିଙ୍କର ହାତ ଦୁଇଟି ଫୁଲିଯାଇ ନାଲି ଦେଖା ଯାଉଥିଲା । ସେ ଗୁଡ଼ ପାଣିରେ ଦୈନିକ କିଛିଦିନ ଧରି ହାତ ବୁଡ଼ାଇବା ଫଳରେ ଆରୋଗ୍ୟ ଲାଭ କଲେ । ସ୍ଥାୟୀ ଆରୋଗ୍ୟ ପାଇଁ ଚର୍ମ-ରୋଗ-ଗ୍ରସ୍ତ ବ୍ୟକ୍ତି ଆକ୍ରାନ୍ତ ସ୍ଥାନକୁ ଗୁଡ଼ ପାଣିରେ ଧୋଇବା ସଙ୍ଗେ ସଙ୍ଗେ ଦୈନିକ ଗୁଡ଼ ଖାଇବା ଉଚିତ । ଆଜିର ସମୟ ଦେଖନ୍ତୁ, କୋଷ୍ଠ କାଠିନ୍ୟ ଆଜିକାଲି ସମାଜର ଏକ ମୁଖ୍ୟ ରୋଗ । ଅସାର ଖାଦ୍ୟ ଭକ୍ଷଣ, ଯାନବାହାନ ଚଳାଚଳ ଯୋଗୁଁ ବ୍ୟାୟାମର ଅଭାବ କୋଷ୍ଠ କାଠିନ୍ୟର ମୁଖ୍ୟ କାରଣ । ଝାଡ଼ା ସଫା କରିବା ପାଇଁ ଆଜିକାଲି ଅନେକ ଔଷଧ ବାହାରିଲାଣି । ସେଗୁଡ଼ିକ ସାମୟିକ ବ୍ୟବହାର ଫଳରେ ପରିପାକ ଯନ୍ତ୍ର ସ୍ୱତଃ କାର୍ଯ୍ୟକ୍ଷମ ଶକ୍ତି ହରାଏ । ଫଳରେ ହଜମ କ୍ରିୟାରେ ବ୍ୟାଘାତ ସୃଷ୍ଟି ହୋଇ କୋଷ୍ଠ କାଠିନ୍ୟ ଦେଖାଦିଏ । ଧଳା ରୁଟି, ସିଝାମାଂସ ଓ ସିଝା ପରିବାରେ ଶରୀର ପାଇଁ ଉପଯୋଗୀ ଲବଣ ନଷ୍ଟ ହୋଇଯାଇଥାଏ । ଗୁଡ଼ ଖାଇବା ଫଳରେ ଗୁଡ଼ରେ ଥିବା ଲବଣ ପରିପାକ ଯନ୍ତ୍ରର ମାଂସପେଶୀକୁ କାର୍ଯ୍ୟକ୍ଷମ ହେବା ସଙ୍ଗେ ସଙ୍ଗେ ଏଥିରେ ଥିବା ଲକ୍ଷଣ ହଜମକ୍ରିୟାରେ ସାହାଯ୍ୟ କରିଥାଏ । ପିତ୍ତ ମୁଣାରେ ପଥୁରୀରେ ଗୁଡ଼ ଚିକିତ୍ସା ମଧ୍ୟ କାର୍ଯ୍ୟ କରିଥାଏ । ସକାଳେ ସନ୍ଧ୍ୟାରେ ଗୁଡ଼ ଖାଇବା ବ୍ୟତୀତ ଦିନକୁ ୩ ବା ୪ ଚାମଚ ଅଲିଭ ତେଲ ଖାଇବା ଉଚିତ । ପଥୁରୀ ନ ହେବା ପାଇଁ ଦୈନିକ ଖାଦ୍ୟ ସହିତ ଗୁଡ଼ ଖାଇବା ଉଚିତ । ଚିନି ଖାଇବା ଫଳରେ ଅମ୍ଳ ସୃଷ୍ଟି ହୋଇଥାଏ । ଏହି ଅମ୍ଳ ଆଣ୍ଠୁଗଣ୍ଠି ବାତର ଏକ ମୁଖ୍ୟ କାରଣ । ଚିନି ମଧ୍ୟ ଦାନ୍ତର ଅନିଷ୍ଟ କରିଥାଏ । ସେଥିପାଇଁ ଦନ୍ତକ୍ଷୟ (ଦାନ୍ତ ପୋକ ଖାଇବା) ରୋଗୀକୁ ଡାକ୍ତର ଚିନି କିମ୍ବା ମିଠା ଖାଇବାକୁ ମନା କରନ୍ତି । ଗୁଡ଼ ଚିନିର ବିପରୀତ ବ୍ୟବହାର ପ୍ରଦର୍ଶନ କରିଥାଏ । ଗୁଡ଼ ଖାଇବା ଫଳରେ ଆଣ୍ଠୁଗଣ୍ଠି ବାତ ଆରୋଗ୍ୟ ହେବା ସଙ୍ଗେ ସଙ୍ଗେ ଦାନ୍ତକୁ ମଧ୍ୟ ରକ୍ଷା କରିଥାଏ । ଗୁଡ଼ରେ ଜୀବାଣୁ ନାଶକ ଧର୍ମ ଥିବାରୁ ଏଥିରେ ଜୀବାଣୁ ରହିପାରନ୍ତି ନାହିଁ । ଏତଦ୍‌ବ୍ୟତୀତ ଗୁଡ଼ ପାକସ୍ଥଳୀ ବା ଅନ୍ତନାଳୀରେ ଥିବା କ୍ଷତିକାରକ ଜୀବାଣୁ ମାନଙ୍କୁ ମାରି ଦେଇଥାଏ । ଟିକାନେବା ଫଳରେ ଯେପରି ବସନ୍ତ, ଆନ୍ତ୍ରିକଜର, କଣ୍ଠ ଆଳତି ପ୍ରଭୃତି ପ୍ରତିରୋଧ କରାଯାଇପାରେ, ଗୁଡ଼ ଖାଇବା ଫଳରେ ସେହିପରି ଏସବୁକୁ ପ୍ରତିରୋଧ କରାଯାଇପାରେ । ଏତଦ୍ ବ୍ୟତୀତ ଗୁଡ଼ ଖାଉଥିବା ବ୍ୟକ୍ତିକୁ ସହଜରେ ଅନ୍ୟାନ୍ୟ ରୋଗ ଧରେ ନାହିଁ । ଗୁଡ଼ରେ ଥିବା ଖାଦ୍ୟ ପ୍ରାଣ ଓ ଅନ୍ୟାନ୍ୟ ଧାତବ ଲବଣ ରକ୍ତରେ ମିଶିବା ଫଳରେ ଶରୀର ସୁସ୍ଥ ରହିବା ଯୋଗୁଁ ଏପରି ସମ୍ଭବ ହୋଇଥାଏ । ଦୀର୍ଘଦିନ ବାଗୀ, ହୃଦ୍‌ଯନ୍ତ୍ର ବନ୍ଦ କିମ୍ବା କର୍କଟ ରୋଗରେ ପଡ଼ିଥିବା ବ୍ୟକ୍ତିକୁ ଯଦି ନିର୍ଦ୍ଦିଷ୍ଟ ପରିମାଣ ଗୁଡ଼ ଖାଇବାକୁ ଦିଆଯାଏ ତେବେ ତାର ଧଳା ପଡ଼ିଯାଇଥିବା କେଶ ଗୁଡ଼ିକ ପ୍ରଥମେ କଳା ପଡ଼ିଯିବାର ଦେଖାଯାଏ । ମୁଣ୍ଡର ସାମନା ଦୁଇପଟ ଓ ପଶ୍ଚାତ ଭାଗର କେଶ ଶୀଘ୍ର କଳା ପଡ଼ିବାର ଦେଖାଯାଏ । ଥଣ୍ଡା ଜଳ ପାକସ୍ଥଳିକୁ ଶୀତଳ କରିବା ସଙ୍ଗେ ମୂତ୍ର ଯନ୍ତ୍ରର କ୍ଷତି ସାଧନ କରିଥାଏ । ବୟସ ନିର୍ବିଶେଷରେ ଯେ କେହି ବ୍ୟକ୍ତି ଗୁଡ଼କୁ କ୍ଷୀର ସହିତ ଖାଇପାରେ । ଏହାକୁ ଯେ କୌଣସି ଖାଦ୍ୟ ଓ ଜଳଖିଆ ସହିତ ଖିଆ ଯାଇପାରେ । ଅନ୍ତନାଳୀରେ ମାଂସବୃଦ୍ଧିରେ ବା ବୃହଦନ୍ତ୍ରର ପ୍ରଦାହ ବା ଘାରେ ଗୁଡ଼ ପାଣିକୁ ଡୁସ ରୂପେ ବ୍ୟବହାର କରାଯାଇପାରେ । ବାହ୍ୟ ମାଂସବୃଦ୍ଧିରେ ଘାରେ ବା କ୍ଷତରେ ଗୁଡ଼ ଖାଇବା ସଙ୍ଗେ ସଙ୍ଗେ ଗୁଡ଼ ପାଣିକୁ ପଟିରେ ବ୍ୟବହାର କରାଯାଇପାରେ । ମଲମ ରୂପେ ଗୁଡ଼ର ସମକକ୍ଷ ଅନ୍ୟ କୌଣସି ପଦାର୍ଥ ନାହିଁ । କଳା ଦାନା ବାନ୍ଧି ନ ଥିବା ବହଳିଆ ଗୁଡ଼ ଏ ପ୍ରକାର ଗୁଡ଼ ଆଖୁ ରସରୁ ଅମଳ ବେଳେ ମିଳିଥାଏ । ଗୁଡ଼କୁ ନେଇ ଏବେ ବି ବିଜ୍ଞାନ ଜଗତ ଓ ଚିକିତ୍ସା ବିଜ୍ଞାନ ବିଭିନ୍ନ ପରୀକ୍ଷା ନିରୀକ୍ଷା ଓ ଗବେଷଣା ଜାରି ରଖିଛି ।

**ଡାକ୍ତର ନଟବର ନାୟକ**
*ତିଳୋତ୍ତମା ହୋମିଓ ହାଉସ୍, ଜଗତସିଂହପୁର,*
*ମୋବାଇଲ : ୯୪୩୭୨୨୯୬୦୧*

# ଶବରୀ ନାରାୟଣ ଛତିଶଗଡ଼ର ପାବନ ପୁରୀଧାମ



ଭାରତ ହେଉଛି ପୃଥିବୀର ଏକ ପ୍ରାଚୀନ ସଭ୍ୟତା ଓ ସଂସ୍କୃତିର ଦେଶ । ମୁନିଋଷିମାନେ ଏ ଦେଶର ଧର୍ମ, ସଂସ୍କୃତି ତଥା ଦର୍ଶନକୁ ଦିଗ୍‌ଦର୍ଶନ ଦେଇଛନ୍ତି । ଭାରତରେ ଯଦିଓ ଅନେକ ଧାର୍ମିକ ଦିଗ୍‌ଦର୍ଶନ ଦେଇଛନ୍ତି । ଭାରତରେ ଯଦିଓ ଅନେକ ଧାର୍ମିକ ସ୍ଥଳ ଅଛି ତଥାପି ଚାରୋଟି ଧାର୍ମିକ ସ୍ଥଳକୁ ଶ୍ରେଷ୍ଠ ମାନ୍ୟତା ମିଳିଛି । ତା'ମଧ୍ୟରୁ ପାବନ ପୁରୀ ଧାମ ଅନ୍ୟତମ । ଯାହାର ଆରାଧ୍ୟ ହେଉଛନ୍ତି ଦାରୁବ୍ରହ୍ମ ଜଗନ୍ନାଥ । ଠିକ୍ ସେହିପରି ଭାରତ ବର୍ଷରେ ଛତିଶଗଡ଼ ରାଜ୍ୟରେ ଥିବା ବିଳାଶପୁର ସହରରୁ ୬୪ କି.ମି. ଦୂରରେ ପରମ ପାବନ "ଶବରୀ ନାରାୟଣ ଧାମ"କୁ ପୁରୀର ମାନ୍ୟତା ମିଳିଛି । ସେଠାରେ ତ୍ରେତୟା ଯୁଗରେ ମହାପ୍ରଭୁ ଶ୍ରୀରାମଙ୍କୁ ଅନେକ ଦିନ ଧରି ଅପେକ୍ଷାରତ ଥିବା ଶବରୀ ନିଜେ କୋଳି ଖୁଆଇଦେବାର କିମ୍ବଦନ୍ତୀ ଆଜି ମଧ୍ୟ ଜନମାନସରେ ପ୍ରତିଧ୍ୱନିତ ହେଉଛି । ବିଭିନ୍ନ ଐତିହାସିକ ବିବରଣୀ ଅନୁସାରେ ସମ୍ବତ ୧୯୨୭ ମସିହାରେ ମହନ୍ତ ଅର୍ଜ୍ଜୁନ ଦାସଙ୍କ ପ୍ରେରଣାରେ ଭଟଗାଁର ଜମିଦାର ରାଜସିଂହ ଜଗନ୍ନାଥ ମନ୍ଦିରର ମୂଳଦୁଆ ପକାଇଥିଲେ । ମାତ୍ର ତାଙ୍କର ପରମ ଭକ୍ତ ପୁତ୍ର ଚନ୍ଦନ ସିଂହ ପିତାଙ୍କ ଅଧୁରା ଇଚ୍ଛାକୁ ପୁରଣ କରି ସେହି ମନ୍ଦିରରେ ଜଗନ୍ନାଥ, ବଳଭଦ୍ର ଓ ସୁଭଦ୍ରାଙ୍କ ମୂର୍ତ୍ତିର ସ୍ଥାପନା କରାଇଥିଲେ । ସୁପ୍ରସିଦ୍ଧ ସାହିତ୍ୟିକ ଏବଂ ତତ୍କାଳିନ ଶବରୀ ନାରାୟଣ ତହସିଲର ତହସିଲଦାର ଠାକୁର ଜଗମୋହନ ସିଂହ ତାଙ୍କର ପୁସ୍ତକ "ପ୍ରଳୟ"ରେ ଉଲ୍ଲେଖ କରିଛନ୍ତି ଯେ ମହାନଯୋଗୀ ଶ୍ରୀ ଗୌତମ ଦାସଙ୍କର ସୁନ୍ଦର ବଗିଚା କୌଣସି ସମୟରେ ଏକ ଉଚ୍ଚ ପାହାଡ଼ ଥିଲା । ତାଙ୍କ କଥାନୁସାରେ ରଥଯାତ୍ରା ପରେ ମହାପ୍ରଭୁ ଜଗନ୍ନାଥ ବଳଭଦ୍ର ଓ ମାତା ସୁଭଦ୍ରା ଏହି ସ୍ଥାନରେ ୭ ଦିନ ବିଶ୍ରାମ କରିଥିଲେ । ତେଣୁ ଏଠାର ଲୋକେ ଏହାକୁ ଜନକପୁର ମଧ୍ୟ ଆଖ୍ୟା ଦେଇଛନ୍ତି । ଆହୁରି ମଧ୍ୟ ମାଖନ ସାବଙ୍କର କନିଷ୍ଠ ଅନୁଜ ସୋଭାରାମଙ୍କର ପୌତ୍ର ପରାଧିୟା ସାବ ଜଗନ୍ନାଥ ପୁରୀର ରଥଯାତ୍ରା ପରେ "ଶବରୀ ନାରାୟଣ"ରେ ପଣ୍ଡିତ ଧର୍ମାନନ୍ଦ ଦ୍ୱିବେଦୀଙ୍କ ଘରେ ତିନି ମୂର୍ତ୍ତି ଜଗନ୍ନାଥ, ବଳଭଦ୍ର ଓ ସୁଭଦ୍ରା ସ୍ଥାପିତ କରିଥିଲେ ଯାହାକି ଏବେ ମଧ୍ୟ ପୁଜା ପାଉଛନ୍ତି । ଏବଂ ପୂର୍ବକାଳରେ ସେହି ମୂର୍ତ୍ତିମାନଙ୍କୁ ନେଇ ଶବରୀ ନାରାୟଣରେ ରଥଯାତ୍ରା ସମ୍ପନ୍ନ ହେଉଥିଲା । ମାତ୍ର ଶବରୀନାରାୟଣ ମଠ ପ୍ରତିଷ୍ଠା ତଥା ମନ୍ଦିର ପ୍ରତିଷ୍ଠା ପରଠାରୁ ଦୁଇ ଯାଗାରୁ ରଥଯାତ୍ରା ଏକ ସଙ୍ଗରେ ହେଉଥିଲା । ମାତ୍ର କାଳକ୍ରମେ କେବଳ ଶବରୀ ନାରାୟଣରେ ପ୍ରତିଷ୍ଠିତ ବିଗ୍ରହଙ୍କୁ ନେଇ ଅଦ୍ୟାବଧି ରଥଯାତ୍ରା ଅନୁଷ୍ଠିତ ହେଉଅଛି ।




ରଥଯାତ୍ରା ଏହି ଛତିଶଗଡ଼ କ୍ଷେତ୍ର ତଥା ବିଳାଶପୁରର ଏକ ପ୍ରମୁଖ ଯାତ୍ରା କହିଲେ ଅତ୍ୟୁକ୍ତି ହେବ ନାହିଁ । ପ୍ରାଚୀନ କାଳରୁ ଏହି ରଥାଯାତ୍ରାର ଆୟୋଜନ ଶବରୀ ନାରାୟଣର ମଠ ଆଜି ସୁଦ୍ଧା ପାଳନ କରିଆସୁଅଛି । ପ୍ରାପ୍ତ ସୂଚନା ଅନୁସାରେ ମହନ୍ତ ଗୌତମ ଦାସ ଏହି ରଥଯାତ୍ରାର ଶୁଭାରମ୍ଭ କରିଥିଲା ବେଳେ ମହନ୍ତ ଲାଲ ଦାସ ଏହାକୁ ସୁଚାରୁରୂପେ ପରିଚାଳନା କରୁଥିଲେ । ଏହି ରଥଯାତ୍ରା ସମୟରେ ଏଠାର ମୁକ୍ତିଆର କୈଳାଶ ପ୍ରସାଦ ତିୱାରୀ ଲୋକମାନଙ୍କ ହୃଦୟରେ ଭଗବତ ଭାବନା ଜାଗ୍ରତ ଉଦ୍ଦେଶ୍ୟରେ ରାମଲୀଳା, ରାସଲୀଳା ବିଭିନ୍ନ ଧାର୍ମିକ ନାଟକ ଅନୁଷ୍ଠିତ କରି ଆଜି ମଧ୍ୟ ଲୋକମାନଙ୍କ ହୃଦୟରେ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିପାରିଛନ୍ତି । ଠିକ୍ ପୁରୀ ରଥଯାତ୍ରା ପରି ଏଠାରେ ମଧ୍ୟ ପ୍ରତିବର୍ଷ ରଥ ତିଆରି ହେଉଥିଲା ମାତ୍ର ସମୟାନୁକ୍ରମେ ଏହି ପ୍ରକ୍ରିୟାକୁ ବନ୍ଦ କରାଯାଇ ଏକ ଲୌହ ନିର୍ମିତ ରଥରେ ଆଜି ମଧ୍ୟ ରଥଯାତ୍ରା ହେଉଅଛି । ଏହି କ୍ଷେତ୍ରର ଲକ୍ଷାଧିକ ଭକ୍ତ ଏହି ଯାତ୍ରାରେ ସାମିଲ ହୋଇ ପ୍ରଭୁଙ୍କର ରଥ ଦଉଡ଼ିକୁ ଟାଣିଥାନ୍ତି ଏବଂ ରଥକୁ ବିଭିନ୍ନ ସ୍ଥାନରେ ଅଟକାଇ ଭକ୍ତମାନେ ପୂଜା ପାଠ ନୈବେଦ୍ୟ ସମର୍ପଣ କରିଥାନ୍ତି । ପ୍ରସାଦ ଭାବେ ଏଠାରେ ଲିଆ, ଗଜାମୁଗ ଓ ନଡ଼ିଆ ଭୋଗ ହୋଇଥାଏ । ଏହି ରଥଯାତ୍ରା ଦିନଟିକୁ ସମ୍ପୂର୍ଣ୍ଣ ଛତିଶଗଡ଼ରେ ପରମ ପବିତ୍ର ଦିନ ରୂପେ ପାଳନ କରାଯାଏ । ଏହି ଦିନରେ ନୂତନ ଗୃହ ପ୍ରତିଷ୍ଠା, ଦୋକାନ, କାରବାରର ଶୁଭାରମ୍ଭ ହୋଇଥାଏ । ଏହି ଦିନଟିରେ ଘରକୁ ଦୂରରେ ରହୁଥିବା ବନ୍ଧୁ, ବାନ୍ଧବଙ୍କର ଏକତ୍ରିକରଣ ହୋଇ ଆନନ୍ଦ ମହୋତ୍ସବ ଲାଗିଥାଏ । ପିଲାଙ୍କଠୁ ବୁଢ଼ା ପର୍ଯ୍ୟନ୍ତ ସମସ୍ତେ ନୂତନ ବସ୍ତ୍ର ପରିଧାନ କରନ୍ତି । ଆଜି ମଧ୍ୟ ଏଠାକାର ଲୋକ ମୁଖରେ ଛତିଶଗଡ଼ର ପରମ ପାବନ ଶବରୀନାରାୟଣ ଧାମ ଜଗନ୍ନାଥ ପୁରୀ ଧାମ ଭାବେ ପ୍ରସିଦ୍ଧିଲାଭ କରିଛି । ସେହିପରି ଏଠାରୁ ଅଳ୍ପ ବ୍ୟବଧାନରେ ରାଜିମ୍ ସ୍ଥାନରେ ସାକ୍ଷୀଗୋପାଳ ବିରାଜମାନ କରିଛନ୍ତି । ଶବରୀନାରାୟଣଙ୍କ ଦର୍ଶନ ପରେ ଯିଏ ସାକ୍ଷୀଗୋପାଳଙ୍କୁ ଦର୍ଶନ ନକରେ ତାର ଯାତ୍ରା ବ୍ୟର୍ଥ ହୋଇଥାଏ ବୋଲି କଥିତ ଅଛି । ତେଣୁ ଏଠାର ପ୍ରାଚୀନ କବି ବଟୁ ସିଂହ ଶବରୀ ନାରାୟଣ ମହାତ୍ମ୍ୟରେ ଲେଖିଛନ୍ତି । ***"ମାସ ଆଷାଢ଼ ରଥ ଦୁତୀୟା/ରଥକେ କିୟା ବୟାନ/ଦର୍ଶନ ରଥକୋ ଯୋ କରେ/ପାବେ ପଦନିର୍ବାଣ ।"*** ଅର୍ଥାତ, "ଆଷାଢ଼ ମାସର ଦ୍ୱିତୀୟ ତିଥିରେ ରଥରେ ବେଶ ବାମନ, ଦର୍ଶନ ମାତ୍ରକେ ପାପନାଶ ହୋଇ ମିଳଇ ପଦ ନିର୍ବାଣ" । ଯେପରି ଆମର ସଂସ୍କୃତ ବ୍ୟାଖ୍ୟାକାରମାନେ ଲେଖିଛନ୍ତି –***"ଦୋଳେତ ଦୋଳ ଗୋବିନ୍ଦ/ଚପେଟ ମଧୁସୂଦନ/ରଥେତୁ ବାମନମ୍ ଦୃଷ୍ଟ୍ୱା/ପୁର୍ନଜନ୍ମ ନବିଦ୍ୟତେ ।"*** ଦୋଳରେ ଦୋଳଗୋବିନ୍ଦ, କୃଷ୍ଣ ଚପରେ ଥିବ ମଧୁସୂଦନ ରଥରେ ଜଗନ୍ନାଥଙ୍କ ବାମନବେଶ ଦର୍ଶନରେ ଆଉ ପୁର୍ନଜନ୍ମ ନଥାଏ । ସେଇଥିପାଇଁ ଜଗନ୍ନାଥ ହେଲେ ଜଗତର ନାଥ ଏବଂ ତାଙ୍କ ରଥଯାତ୍ରା ପ୍ରତିଷ୍ଠା କରିଥାଏ ଅଖଣ୍ଡ ଭାରତରେ ବିଶ୍ୱମୈତ୍ରୀ ଓ ପ୍ରୀତିର ମହନୀୟତା । ତେଣୁ ଶବରୀନାରାୟଣ କ୍ଷେତ୍ର ଯଦିଓ ବିଶ୍ୱ ମୈତ୍ରୀର କ୍ଷେତ୍ର ନହୋଇପାରେ ମାତ୍ର ତଥାପି ଜନମାନସରେ ପ୍ରେମ ଓ ବିଶ୍ୱାସର ଫଲଗୁ ଧାରା ପ୍ରବାହିତ କରିଥାଏ । ଏଥିରେ କୌଣସି ସନ୍ଦେହ ନାହିଁ ଯେ ଜଗନ୍ନାଥ ସଂସ୍କୃତି ଓ ପରମ୍ପରା ବିଶ୍ୱରେ କୋଣେ ଅନୁକୋଣେ ଗୁଞ୍ଜରିତ ହୁଏ । ଶେଷରେ ଏତିକି କହିବି ଏ ଯାତ୍ରା ସମଗ୍ର ମାନବ ସମାଜରୁ ବ୍ରାହ୍ମଣ ଚଣ୍ଡାଳର ଦୂର୍ଭେଦ୍ୟ ପ୍ରାଚୀର, ଉଚ୍ଚନୀଚର ବୈଶମ୍ୟ ଲୋପ କରିବା ପାଇଁ ଆମେ ସମସ୍ତେ ଏକାକାର ହୋଇ ଜଗନ୍ନାଥଙ୍କର ସେବକ ପାଲଟି ଯାଇଥାଉ ଏବଂ ଯେଉଁ ଠାରେ ଗଢ଼ି ଉଠେ ମାନବବାଦର ମାନବ ପ୍ରୀତିର ମହାନ ସେତୁ । ... କିମଧିକମ୍ ।

# ସ୍ତ୍ରୀର ସୁଲଭ ଗୁଣ

ସ୍ତ୍ରୀଲୋକମାନେ ବହୁ ପ୍ରକାର ଗୁଣରେ ଅଳଙ୍କୃତ । ଆତ୍ମ ନିୟନ୍ତ୍ରଣରେ ପୁରୁଷମାନେ ମହିଳାମାନଙ୍କର ସମକକ୍ଷ ହୋଇପାରିବେ ନାହିଁ । ପୁରୁଷ ମାନଙ୍କୁ ଆଧ୍ୟାତ୍ମିକ ମାର୍ଗରେ ଅଗ୍ରସର କରାଇବା ପାଇଁ ମହିଳାମାନେ ହିଁ ସର୍ବଶ୍ରେଷ୍ଠ ଆଦର୍ଶ । ନିର୍ମଳ, ନିଃସ୍ୱାର୍ଥ ପ୍ରେମ ସେମାନଙ୍କର ଜନ୍ମଗତ । ଜ୍ଞାନୀ, ସଂସ୍କାର ସମ୍ପନ୍ନା, ସ୍ନେହମୟୀ ଓ ଧର୍ମପରାୟଣା ମହିଳମାନେ ଜଣେ ଜଣେ ଲକ୍ଷ୍ମୀ । ସେମାନଙ୍କ ପାଇଁ ଘରେ ଆନନ୍ଦ ଓ ସୌଭାଗ୍ୟ ବିରାଜେ । ଯେଉଁ ଘରେ ସ୍ୱାମୀ ସ୍ତ୍ରୀ ଉଭୟେ ପବିତ୍ର ପ୍ରେମ ପାଶରେ ବାନ୍ଧି ହୋଇ ଆତ୍ମୋନ୍ନତି ପାଇଁ ସ୍ୱାଧ୍ୟାୟରତ ଏବଂ ପ୍ରଭୁଙ୍କ ମହିମା ଓ ନାମ କୀର୍ତ୍ତନ କରୁଥାନ୍ତି ସେ ଘରେ ପ୍ରକୃତରେ ବୈକୁଣ୍ଠ । ଯେଉଁଠାରେ ସ୍ତ୍ରୀ ପବିତ୍ର ପ୍ରେମସହ ସ୍ୱାମୀ ସହିତ ବନ୍ଧା, ତାହାକୁ ଯେ କୌଣସି ଦୁର୍ଲଭ ପୁଷ୍ପର ସୌରଭ ସହିତ ତୁଳନା କରାଯାଇପାରିବ । ଗୋଟିଏ ଅମୂଲ୍ୟ ରତ୍ନ ସଦୃଶ ସେ ପରିବାରର ଶୋଭା ଉଜ୍ଜ୍ୱଳ କରିପାରିବ । ଏତାଦୃଶ ଗୁଣବତୀ ସ୍ତ୍ରୀ ପ୍ରକୃତରେ ଗୋଟିଏ ଅତି ମୂଲ୍ୟବାନ ଅଳଙ୍କାର ।

ସତୀତ୍ୱ ମହିଳାମାନଙ୍କର ଏକ ମହାନ ଆଦର୍ଶ । ସେଥିରୁ ଉତ୍ପନ୍ନ ଶକ୍ତିରୁ ସେମାନେ ସମସ୍ତ କିଛି ହାସଲ କରିପାରିବେ । ସେହି ଶକ୍ତି ଦ୍ୱାରା ସାବିତ୍ରୀ, ଯମ ଦେବତାଙ୍କ ସହ ସଂଗ୍ରାମ କରି ତାଙ୍କ ମୃତ ପତିଙ୍କୁ ବଞ୍ଚାଇବାକୁ ସମର୍ଥ ହୋଇଥିଲେ । ଅତ୍ରି ମୁନିଙ୍କ ପତ୍ନୀ ଓ ଦତ୍ତାତ୍ରେୟଙ୍କ ମା'ଅନୁସୂୟା ବ୍ରହ୍ମା, ବିଷ୍ଣୁ ଓ ମହେଶ୍ୱରଙ୍କୁ ନବଜାତ ଶିଶୁରେ ପରିଣତ କରି ଦେଇଥିଲେ । ନାରାୟଣୀ ତାଙ୍କ କୁଷ୍ଠାକ୍ରାନ୍ତ ସ୍ୱାମୀଙ୍କ ପ୍ରତି ଭକ୍ତି ଓ ସତୀତ୍ୱର ରହସ୍ୟମୟ ଶକ୍ତି ବଳରେ ସୂର୍ଯ୍ୟଙ୍କର ଗତିରୋଧ କରିଦେଇ ପାରିଥିଲେ । ସତୀତ୍ୱ ପାଇଁ ମହିଳାମାନଙ୍କୁ ମହୀୟସୀ ବୋଲି ଆଖ୍ୟା ଦିଆଯାଇଛି । ଏହାର ମର୍ଯ୍ୟାଦା ଅବର୍ଣ୍ଣନୀୟ । ଏହା ତାଙ୍କ ମାନଙ୍କ ପ୍ରାଣବାୟୁ ସଦୃଶ । ଏହି ସତୀତ୍ୱର ଅସୀମ ଶକ୍ତି ବଳରେ ସେମାନେ ତାଙ୍କ ସ୍ୱାମୀଙ୍କୁ ଯେ କୌଣସି ପ୍ରକାର ବିପତ୍ତିରୁ ଉଦ୍ଧାର କରିଦେଇପାରନ୍ତି । ଏହି ଅତୁଳନୀୟ ଶକ୍ତି ବଳରେ ସେମାନେ ନିଜକୁ ରକ୍ଷା କରନ୍ତି ଓ ପରିଶେଷରେ ନିଃସନ୍ଦେହରେ ସ୍ୱର୍ଗରେ ସ୍ଥାନ ପାଆନ୍ତି ।

ଦମୟନ୍ତୀଙ୍କ ଭାଷାର ଏଭଳି ଶକ୍ତି ଥିଲା ଯେ ବଣରେ ଜଣେ ଶିକାରୀ ତାଙ୍କ ପ୍ରତି ଅଶୋଭନୀୟ ଆଚରଣ ପ୍ରଦର୍ଶନ କରିବାକୁ ଉଦ୍ୟତ ହୁଅନ୍ତେ ସେ ତାକୁ ଭସ୍ମ କରି ଦେଇଥିଲେ । ଭାଗ୍ୟରେ ନିର୍ଦ୍ଦୟ କରାଘାତରେ କବଳିତ ହୋଇ ରାଜା ନଳ ତାଙ୍କୁ ଛାଡ଼ି ଚାଲି ଯାଇଥିବା ସମୟରେ ଦମୟନ୍ତୀଙ୍କୁ ଜଙ୍ଗଲରେ ଏକାକିନୀ ଜୀବନ କଟାଇବାକୁ ପଡ଼ିଥିଲା । ବିନମ୍ରତା ଓ ଶିଷ୍ଟାଚାର ମହିଳାମାନଙ୍କ ପକ୍ଷେ ଅତ୍ୟନ୍ତତ ପ୍ରୟୋଜନ । ଶିଷ୍ଟାଚାରର ସୀମା ଅତିକ୍ରମ କରିବା ମହିଳମାନଙ୍କ ପକ୍ଷେ ଅଧର୍ମ । ସୀମା ବାହାରକୁ ଯାଇ ସେମାନେ ବହୁ ଦୁର୍ଦ୍ଦଶା ନିମନ୍ତ୍ରଣ କରିଥାନ୍ତି । ନାରୀତ୍ୱର ମର୍ଯ୍ୟାଦା କାହିଁକି କ୍ଷୁର୍ଣ୍ଣ ହେବ ? ଜଣେ ସମ୍ଭ୍ରମତା ବିଶିଷ୍ଟ ମହିଳା, ନିଜର ମାନ ମହତ ଦୃଷ୍ଟିରୁ ସୀମା ଭିତରେ ରହିବା ଉଚିତ । କେଉଁଟି ଭୁଲ ସେମାନେ ଆପଣାଛାଏଁ ଜାଣିପାରନ୍ତି । ସମ୍ଭ୍ରମତା ସେମାନଙ୍କୁ ପରମ ପବିତ୍ରତାର ଉଚ୍ଚତମ ଶିଖରକୁ ଉନ୍ନୀତ କରେ । ଶିଷ୍ଟାଚାର ସମ୍ପନ୍ନ ସ୍ତ୍ରୀମାନେ ଘରେ ବାହାରେ ସମାଜରେ ତଥା ସମଗ୍ର ବିଶ୍ୱରେ ନିଜର କୃତୀତ୍ୱ ଜାହିର କରିପାରିବେ ।

ନାରୀ ଘର ଏବଂ ଧର୍ମର ଅବଲମ୍ବନ । ସେ ଚାହିଁଲେ ଭକ୍ତି ଓ ବିଶ୍ୱାସ ସୁଦୃଢ଼ କରି ପାରିବ ବା ଉତ୍ପାଟନ କରିଦେଇ ପାରିବ । ଭକ୍ତି, ବିଶ୍ୱାସ ଓ ଆଧ୍ୟାତ୍ମିକ ଉଦ୍ୟମ ନାରୀ ମାନଙ୍କର ଏକ ସ୍ୱାଭାବିକ ମନୋଭାବ । ଭକ୍ତି, ବିଶ୍ୱାସ ଓ ବିନମ୍ରତା ଥିବା ମହିଳାମାନେ ପୁରୁଷ ମାନଙ୍କୁ ମଧ୍ୟ ସାଧନା ମାର୍ଗରେ ନେବାକୁ ସମର୍ଥ ହୋଇଥାନ୍ତି । ସେମାନେ ପ୍ରତ୍ୟୁଷରୁ ଶଯ୍ୟା ତ୍ୟାଗ କରନ୍ତି, ଗୃହାଙ୍ଗନ ପରିଷ୍କାର କରି ସ୍ନାନ କର୍ମ ସମାପନ କରି ଜପ ଧ୍ୟାନରେ ବସନ୍ତି । ନିଜ ଘରେ ଗୋଟିଏ ସ୍ୱତନ୍ତ୍ର ପୂଜାଘର ସେମାନେ ପସନ୍ଦନ କରନ୍ତି । ସେଠାରେ ଭବାନଙ୍କର, ଗୁରୁ ଓ ମହର୍ଷି ମାନଙ୍କର ଚିତ୍ରପଟ୍ଟ ରଖନ୍ତି । ଘରଟିର ପବିତ୍ରତା ରକ୍ଷା କରିବା ସଙ୍ଗେ ସଙ୍ଗେ ସକାଳ ଓ ସଂଧ୍ୟା ଭଜନ ଓ ପର୍ବପର୍ବାଣୀ ପାଳନ ପୂର୍ବକ ଘରର ବାତାବରଣ ନିର୍ମଳ ରଖନ୍ତି । ଅପର ପକ୍ଷରେ ସ୍ତ୍ରୀ ଯଦି ସ୍ୱାମୀକୁ ଆଧ୍ୟାତ୍ମିକ ମାର୍ଗରୁ ଉପଭୋଗ ମାର୍ଗକୁ ଟାଣେ ବା ସ୍ତ୍ରୀ ଆଧ୍ୟାତ୍ମିକ ଆନନ୍ଦ ଆହରଣ କରୁଥିଲା ବେଳେ ସ୍ୱାମୀ ଯଦି ସ୍ତ୍ରୀ ଠାରେ ଦୋଷ ଆରୋପ କରେ ତେବେ ସେପରି ଘର 'ଘର' ପଦବାଚ୍ୟ ନୁହେଁ, ନର୍କ ସଙ୍ଗେ ସମାନ, ଭୂତକୋଠୀ ସଙ୍ଗେ ସମାନ । ଭଗବାନ ଶ୍ରୀ ସାଇ ସମସ୍ତଙ୍କୁ କୃପା କରନ୍ତୁ, ସମସ୍ତଙ୍କ ଘର ପରିବାର ଆନନ୍ଦ ଓ ଶାନ୍ତିର ସହିତ ନାରୀ ଧର୍ମର ମର୍ଯ୍ୟାଦା ରହୁ ।

# ୧୫ତମ ଗୁରୁ ଦେବପ୍ରସାଦ ସମ୍ମାନ ପ୍ରଦାନ ଉତ୍ସବ ଓଡ଼ିଶୀ ନୃତ୍ୟ ସହିତ ତବଲା ବାଦନ, ଗଜଲ ଓ ଗଂଜାମର ପାରମ୍ପରିକ ଲୋକନୃତ୍ୟରେ ଉଦ୍‌ଘାଟିତ



ଭୁବନେଶ୍ୱର (ପିଏନ୍): ୧୫ତମ ଗୁରୁ ଦେବପ୍ରସାଦ ସମ୍ମାନ ପ୍ରଦାନ ଉତ୍ସବ ତ୍ରିଧାରା ଅନୁଷ୍ଠାନ ଦ୍ୱାରା ଆଜି ଏକ ବର୍ଣ୍ଣାଢ୍ୟ ପରିବେଶରେ ଉଦ୍‌ଘାଟିତ ହୋଇଯାଇଅଛି । ଏହି ସମ୍ମାନ ପ୍ରଦାନ ଉତ୍ସବ ୨୯ ତାରିଖରେ ମଧ୍ୟ ରବୀନ୍ଦ୍ର ମଣ୍ଡପରେ ଆୟୋଜିତ ହେବ । ତ୍ରିଧାରା ଏକ ଅଗ୍ରଣୀ ଅନୁଷ୍ଠାନ ଯାହା ଗୁରୁ ଦେବପ୍ରସାଦ ଦାସଙ୍କ ଅନନ୍ୟ ଶୈଳୀକୁ ସମର୍ଥନ କରେ । ଏହି ପୁରସ୍କାର ଉତ୍ସବର ଆୟୋଜନ କରିବାର ମୂଳ ଉଦ୍ଦେଶ୍ୟ ହେଉଛି, ନୃତ୍ୟ ଏବଂ ସଙ୍ଗୀତ କ୍ଷେତ୍ରରେ କିମ୍ବଦନ୍ତୀ ଗୁରୁ ତଥା ଯୁବଶିଳ୍ପୀମାନଙ୍କୁ ସମ୍ମାନ ପ୍ରଦାନ କରିବା ତଥା ସେମାନଙ୍କର କଳାର ପ୍ରଚାର ଓ ପ୍ରସାର କରିବା ଏଥିସହିତ ଓଡ଼ିଶୀ ନୃତ୍ୟ ତଥା ଓଡ଼ିଶାର ଆଦିବାସୀ ନୃତ୍ୟ, ଲୋକ ନୃତ୍ୟ, ପାରମ୍ପାରିକ ନୃତ୍ୟ କ୍ଷେତ୍ରରେ ଗୁରୁ ଦେବପ୍ରସାଦ ଦାସଙ୍କ ଘରାନାକୁ ପ୍ରଦର୍ଶନ ଓ ପ୍ରୋତ୍ସାହିତ କରିବା । ଉଦ୍‌ଘାଟନୀ ସନ୍ଧ୍ୟାରେ ପ୍ରଥମ ଉପସ୍ଥାପନା ଥିଲା ତ୍ରିଧାରାର ବରିଷ୍ଠ ନୃତ୍ୟଶିଳ୍ପୀମାନଙ୍କ ଦ୍ୱାରା ଓଡ଼ିଶୀ ନୃତ୍ୟ ଜଗନ୍ନାଥ ସ୍ୱାମୀ ନୟନପଥ ଗାମୀ । ଏହି ନୃତ୍ୟଟିକୁ ସଂଯୋଜନା କରିଥିଲେ ଗୁରୁ ଗଜେନ୍ଦ୍ର ପଣ୍ଡା । ତ୍ରିଧାରାର ନୃତ୍ୟଶିଳ୍ପୀମାନଙ୍କର ନୃତ୍ୟାନୁଗ୍ରହ, ଶରୀରର ଗତିବିଧି ଦ୍ୱାରା ଚମତ୍କାର ପରିବେଷଣ ଏବଂ ଚିତ୍ତାକର୍ଷକ ଅଙ୍ଗଭଙ୍ଗୀ ନୃତ୍ୟ ମାଧ୍ୟମରେ ବେଶ୍ ବାରିହେଉଥିଲା ଯାହା ପ୍ରେକ୍ଷାଳୟରେ ଉପସ୍ଥିତ ଦର୍ଶକମାନଙ୍କର କରତାଳି ସାଉଣ୍ଟିବାରେ ସକ୍ଷମ ହୋଇଥିଲା । ସନ୍ଧ୍ୟାର ଦ୍ୱିତୀୟ ଉପସ୍ଥାପନା ଥିଲା ଓଡ଼ିଶୀ ଏକକ ନୃତ୍ୟ ଯାହାକୁ ପରିବେଷଣ କରିଥିଲେ ମାଲେସିଆର ଗୀତିକା ଶ୍ରୀ । ତାଙ୍କ ପରିବେଷଣରେ ଥିଲା ସୂର୍ଯ୍ୟାଷ୍ଟକ । ପରେ ପରେ ଦଳଗତ ଓଡ଼ଶୀ ନୃତ୍ୟ ପରିବେଷଣ କରିଥିଲେ କଟକ କଳାବିକାଶ କେନ୍ଦ୍ରର ଶିଳ୍ପୀମାନେ । ସେମାନେ ପରିବେଷଣ କରିଥିଲେ ଲକ୍ଷ୍ମୀ ନୃସିଂହ ଯାହାର ନୃତ୍ୟ ସଂରଚନା କରିଥିଲେ ଗୁରୁ ଗଜେନ୍ଦ୍ର ପଣ୍ଡା । ପରିବର୍ତ୍ତୀ ପ୍ରସ୍ତୁତିରେ ଥିଲା ଅନସୁଲ ପ୍ରତାପ ସିଂଙ୍କ ଦ୍ୱାରା ଏକକ ତବଲା ବାଦନ । ତାଳ, ଲୟ ଓ ଛନ୍ଦର ଚମତ୍କାର ସମିଶ୍ରଣରେ ତବଲା ବାଦନରେ ତୋଡ଼ା, ଟୁକ୍‌ଡ଼ା, ତାଇ, ଚକ୍ରଧାର୍ ସହିତ ତିନ୍ ତାଳରେ ୧୬ ମାତ୍ରାରେ ଦର୍ଶକମାନଙ୍କୁ ସେ ବିମୋହିତ କରିଥିଲେ । ସଂଧ୍ୟାର ପରବର୍ତ୍ତୀ ପ୍ରସ୍ତୁତିରେ ଥିଲା ଆଂଶିକା ଚୌହାନଙ୍କ ଦ୍ୱାରା ଗଜଲ ଗାୟନ । ତାଙ୍କର ଶ୍ରୁତିମଧୁର ସ୍ୱରରେ ଗଜଲ ପରିବେଷଣ ଦର୍ଶକଙ୍କୁ ବିମୋହିତ କରିଥିଲା । ଉଦ୍‌ଘାଟନୀ ସଂଧ୍ୟାର ଅଂିମ ପ୍ରସ୍ତୁତିରେ ଥିଲା ଗଂଜାମ ଜିଲ୍ଲାର ପାରମ୍ପାରିକ ଲୋକକଳା ନୃତ୍ୟ ସଖୀ ନାଟ ଯାହାକୁ ପରିବେଷଣ କରିଥିଲେ ଗୁରୁ ଆଲୋକ ବିଶୋଇ ଓ ସାଥୀ । ଉଦ୍‌ଘାଟନୀ ଉତ୍ସବର ଅତିଥିମାନେ ଥିଲେ ଓଡ଼ିଶା ବିଧାନ ସଭାର ମାନ୍ୟବର ବାଚସ୍ପତି ସୁର୍ଯ୍ୟନାରାୟଣ ପାତ୍ର; ଭଦ୍ରକର ମାନ୍ୟବର ବିଧାୟକ ପ୍ରଫୁଲ୍ଲ ସାମଲ; ନୃତ୍ୟ ସମାଲୋଚକ ନୀତା ବିଦ୍ୟାର୍ଥୀ; ଆର୍ଟ ଭିଜନର ସଚିବ ଗୁରୁ ଇଲିୟାନା ଚିତାରିଷ୍ଟି, ପ୍ରଖ୍ୟାତ ଓଡ଼ିଶୀ ନୃତ୍ୟ ବିଶାରଦ ରାମଲି ଇବ୍ରାହିମ, ଚିଂ । ଓ ଚେତନାର ସଚିବ ସୁରେନ୍ଦ୍ର କୁମାର; ପାରାଦୀପ ଫସଫେଟ ଲିମିଟେଡ଼ର ଅଧିକାରୀ ସୁଧିରନ ମିଶ୍ର; ତ୍ରିଧାରାର କାର୍ଯ୍ୟରତ ସମ୍ପାଦକ ସିମାଞ୍ଚଳ ପଣ୍ଡା ଏବଂ ତ୍ରିଧାରାର ନିର୍ଦ୍ଦେଶକ ଗୁରୁ ଗଜେନ୍ଦ୍ର ପଣ୍ଡା । କାର୍ଯ୍ୟକ୍ରମକୁ ସଂଚାଳନା କରିଥିଲେ ଡ଼. ସଙ୍ଗୀତା ଗୋସାଇଁ ।



# ଡିଫା କପ ଫୁଟବଲ ଟୁର୍ଣ୍ଣାମେଂଟ, ସନସାଇନ କ୍ଲବ କଟକ ଫାଇନାଲରେ

ଧର୍ମଶାଳା (ପିଏନ୍): ଧର୍ମଶାଳା ବାଣୀପୀଠ ଖେଳ ପଡିଆରେ ଚାଲିଥିବା ୨୪ତମ ଡିଫାକପ ଓ ଚତୁର୍ଥ ରିତ ସ୍ୱାଇଁ ସ୍ମାରକୀ ଫୁଟବଲ ଟୁର୍ଣ୍ଣାମେଂଟର ଦ୍ୱିତୀୟ ସେମିଫାଇନାଲ ମ୍ୟାଚରେ ସନସାଇନ କ୍ଲବ କଟକ ୨/୦ ଗୋଲରେ ନେତାଜୀ କ୍ଲବ କେନ୍ଦ୍ରାପଡାକୁ ପରାସ୍ତ କରି ଫାଇନାଲରେ ପ୍ରବେଶ କରିଛି । ଧର୍ମଶାଳା ଫୁଟବଲ ଆସୋସିଏସନ ଆନୁକୁଲ୍ୟରେ ଅୟୋଜିତ ଏହି ଟୁର୍ଣ୍ଣାମେଂଟରେ ଆଜି ମ୍ୟାଚର ପ୍ରଥମାର୍ଦ୍ଧରେ କଟକ ଟିମର ରାକେଶ ସାହୁ ଓ ଅବିନାଶ ସାମଲ ଗୋଟିଏ ଲେଖାଁଏ ଗୋଲ ଦେଇଥଲେ । ମ୍ୟାଚର ଦ୍ୱିତୀୟାର୍ଦ୍ଧରେ କେହି କାହାରୁକୁ ଗୋଲ ନକରିବାରୁ କଟକ ଟିମ ୨/୦ ଗୋଲରେ ବିଜୟୀ ହୋଇଥିଲା । ଆଜିର ମ୍ୟାଚକୁ ସଲିମ ଅହମ୍ମଦ ଓ ଶୈଳେଶ ପାଣି ପରିଚାଳନା କରିଥିବା ବେଳେ ସେକ ଆସିଫ ଓ ସତ୍ୟପ୍ରକାଶ ବିଶ୍ୱାଳ ଲାଇନରେ ସହାୟତା କରିଥିଲେ । ଆଜିର ଖେଳରେ ଅତିଥି ଭାବେ ଚହଟା ସମିତିସଭ୍ୟା ସସ୍ମିତା ନାୟକ ଓ ଶିକ୍ଷୟତ୍ରୀ କାଦମ୍ବିନୀ ମିଶ୍ର ଯୋଗଦେଇ ବିଜୟୀ ଟିମର ରାକେଶ ସାହୁଙ୍କୁ ମ୍ୟାନଅଫଦି ମ୍ୟାଚ ପୁରସ୍କାର ପ୍ରଦାନ କରିଥିଲେ । ବୁଧବାର ଫାଇନାଲ ମ୍ୟାଚ ସନସାଇନ କ୍ଲବ କଟକ ଓ ପ୍ରତାପ କ୍ଲବ ଭୁବନେଶ୍ୱର ମଧ୍ୟରେ ଅନୁଷ୍ଠିତ ହେବ ବୋଲି ଡିଫାର ସଭାପତି ପ୍ରମୋଦ ଦାସ ଓ ସମ୍ପାଦକ ପ୍ରବୋଧ ପାତ୍ର ସୂଚନା ଦେଇଛନ୍ତି ।

# ଦୁଆରଗାଁ ଗ୍ରାମବାସୀ ଙ୍କ ଦ୍ୱାରା ହରିଣ ଉଦ୍ଧାର



ଖଣ୍ଡପଡା (ପିଏନ୍): ଖଣ୍ଡପଡା ବ୍ଲକ ଅଧିନ ବେଣାଗାଡିଆ ପଂଚାୟତର ଦୁଆରଗାଁ ମଧ୍ୟକୁ ପଶି ଆସିଥିବା ୨ଟି ହରିଣ ମଧ୍ୟରୁ ଗୋଟିଏ ହରିଣ ସଂରକ୍ଷିତ ଜଙ୍ଗଲ ମଧ୍ୟକୁ ଦୌଡି ପଳାଇଥିବା ବେଳେ ଅନ୍ୟ ହରିଣଟି ନିକଟସ୍ଥ ପ୍ରାଥମିକ ବିଦ୍ୟାଳୟ ପରିସରରେ ପ୍ରବେଶ କରି ରହିଯାଇଥିଲା । ଗ୍ରାମବାସୀମାନେ ହରିଣଟିକୁ ବିଦ୍ୟାଳୟ ପ୍ରାଙ୍ଗଣରେ ଧରିବା ପରେ ଖଣ୍ଡପଡା ବନବିଭାଗ କର୍ତ୍ତୃପକ୍ଷଙ୍କୁ ଖବର ଦେଇଥିଲେ । ଖଣ୍ଡପଡା ବନାଚଂଳ ଅଧିକାରୀ ଶରତ ଚନ୍ଦ୍ର ଶତପଥିଙ୍କ ନିର୍ଦ୍ଦେଶକ୍ରମେ କର୍ମଚାରୀମାନେ ଘଟଣାସ୍ଥଳରେ ପହଂଚିବା ପରେ ସ୍ଥାନୀୟ ବାସିନ୍ଦା ବନବିଭାଗ କର୍ତ୍ତୃପକ୍ଷଙ୍କୁ ହରିଣଟିକୁ ହସ୍ତାନ୍ତର କରିଥିଲେ । ଏଣେତେଣେ ଦୌଡାଦୌଡି କରି ହରିଣଟି ହାଲିଆ ହୋଇ ପଡିଥିଲା । ଖଣ୍ଡପଡା ବନାଚଂଳ ଅଧିକାରୀଙ୍କ କାର୍ଯ୍ୟାଳୟରେ ହରିଣଟି ପହଂଚିବାର କିଛି ସମୟପରେ ସୁସ୍ଥ ଅବସ୍ଥାକୁ ଫେରିଥିଲା । ପରେ ହରିଣଟିକୁ ସଂରକ୍ଷିତ ଜଙ୍ଗଲରେ ଛାଡି ଦିଆଯାଇଥିଲା । ସଂରକ୍ଷିତ ଜଙ୍ଗଲରେ ପାଣିର ଅଭାବ ଯୋଗୁଁ ବନ୍ୟଜନ୍ତୁଗୁଡିକ ଏବେ ଜନବସତି ଆଡକୁ ପଳାଇ ଆସି ଲୋକଙ୍କ ହାବୁଡରେ ପଡୁଥିବା ଅନୁମାନ କରାଯାଉଛି । ବନ୍ୟଜନ୍ତୁଙ୍କ ସୁରକ୍ଷା ପ୍ରତି ନୟାଗଡ ବନ୍ୟଖଣ୍ଡ ଅଧିକାରୀ ଦୃଷ୍ଟିଦେବାକୁ ସାଧାରଣରେ ଦାବି ହେଉଛି ।




# ବିଡିଏର ଦୁଇଜଣ ଅଫିସର ଭୁବନେଶ୍ୱରରେ କୃତ୍ରିମ ବନ୍ୟା ପାଇଁ ଦାୟୀ

ଭୁବନେଶ୍ୱର (ପିଏନ୍)-ରାଜଧାନୀ ଭୁବନେଶ୍ୱରରେ ବେଙ୍ଗ ମୁତିଲେ ବନ୍ୟା ହେଉଛି। ଏହି ବନ୍ୟା ବିଡିଏକୃତ ବୋଲି ପ୍ରଦେଶ ଛାତ୍ର କଂଗ୍ରେସ ସଭାପତି ୟାସିର ନଓ୍ୱାଜ ଅଭିଯୋଗ କରିଛନ୍ତି। କୁଆଖାଇ, ଦୟା ନଦୀରେ ଯେତିକି ପାଣି ଭୁବନେଶ୍ୱରର ରାସ୍ତାଘାଟରେ ସେତିକି ପାଣି ଜମିଯାଉଛି। ଘରେ ଘରେ ପାଣି ପସୁଛି। ରାସ୍ତା ଘାଟରେ ଗାଡ଼ି ମୋଟର ଭାସୁଛି। ଏ ଭୁଲ ବିଡିଏର ବୋଲି ଭୁବନେଶ୍ୱରର ନବନିର୍ବାଚିତା ମେୟର ଗଣମାଧ୍ୟମରେ ମଧ୍ୟ ପ୍ରକାଶ କରିଛନ୍ତି। ବିଡିଏ କି ଭୁଲ କରିଛି ମେୟର ତାହା ମଧ୍ୟ ସ୍ପଷ୍ଟ ଭାବରେ ବୁଝାଇଛନ୍ତି। ୨୨ ବର୍ଷ ପୂର୍ବେ ଏ ସମସ୍ୟା ନଥିଲା। ନବୀନ ସରକାର ବିଡିଏକୁ ଖୋଲା ଛାଡ଼ିଦେବା ଫଳରେ ଗୃହ ନିର୍ମାଣ ପାଇଁ ବିଡ଼ିଏ ମନମୁଖି ଅନୁମତି ଦେଲା। ଭୁବନେଶ୍ୱରର ୧୦ରୁ ଉର୍ଦ୍ଧ୍ୱ ପ୍ରାକୃତିକ ଡ୍ରେନ ଉପରେ ଏବଂ ବିଭିନ୍ନ ଜାଗାରେ ଅନ୍ୟାନ୍ୟ ଡ୍ରେନ ଉପରେ ଉଚ୍ଚ ଅଟ୍ଟାଳିକା ନିର୍ମାଣ ପାଇଁ ଅନୁମତି ଦେବା ଫଳରେ ଜଳ ନିଷ୍କାସନ ବନ୍ଦ ହୋଇଗଲା। ଯାହା ଫଳରେ କୃତିମ ବନ୍ୟା ସୃଷ୍ଟି ହୋଇ ଭୁବନେଶ୍ୱରରେ ଧନଜୀବନ ନଷ୍ଟ କରିବା ସହ ଭୁବନେଶ୍ୱରକୁ ଜଳାର୍ଣ୍ଣବ କଲା। ଏବେ ୭ ବର୍ଷ ଭିତରେ ଡ୍ରେନରେ ପଡ଼ି ୭ଜଣରୁ ଉର୍ଦ୍ଧ୍ୱ ମୃତ୍ୟୁବରଣ କଲେଣି। ଏଠାରେ ସୂଚନାଯୋଗ୍ୟ ଯେ ଭୁବନେଶ୍ୱରରେ ଗୃହନିର୍ମାଣ ଅନୁମତି ମାତ୍ର ଦୁଇବର୍ଷ ହେବ ବିଏମସି ଦାୟୀତ୍ୱ ନେଇଛି।

ଯେଉଁ ଅଫିସରମାନେ ଏଠାରେ ୧୫ରୁ ୨୦ ବର୍ଷଧରି ଚକା ପକାଇ ବସିଥିଲେ, ସେଇମାନେ ହିଁ ଭୁବନେଶ୍ୱର ସହରକୁ ବିକୃତ କରିଦେଇଛନ୍ତି। ଏଠାରେ ଦାୟିତ୍ୱରେ ଥିବା ଅଣଓଡ଼ିଆ ଅଫିସରଙ୍କୁ ଭୁଲ ତଥ୍ୟ ଦେଇ ନିଜେ ଉତ୍କୋଚ ନେବା ସହ ସଂପୂର୍ଣ୍ଣ ଭୁବନେଶ୍ୱର ସହରର ଭୌଗୋଳିକ ବ୍ୟବସ୍ଥାକୁ ବିଗାଡ଼ି ଦେଇଛନ୍ତି। ଏ ବନ୍ୟା ଏବଂ କ୍ଷୟକ୍ଷତି ପରିସ୍ଥିତି ପାଇଁ କେବଳ ସେଇ ଦୁଇଜଣ ଅଫିସର ହିଁ ଦାୟୀ। ସେମାନେ ଭୁବନେଶ୍ୱରରେ ଜେଟିପି ଭାବରେ କାର୍ଯ୍ୟ କରୁଥିଲେ, ଏବେ ପ୍ଲାନିଂ ମେମ୍ବର ଭାବେ କାର୍ଯ୍ୟ କରୁଛନ୍ତି। ସେମାନେ ଏଠାରେ ବହୁ ବର୍ଷ ଧରି ଚାକିରୀ କଲେଣି ମାତ୍ର ସେମାନଙ୍କର ବଦଳି ନାହିଁ। ସେଇ ଦୁଇ ଅଫିସର ହେଲେ ଗୌରୀଶଙ୍କର ଭୂୟାଁ ଏବଂ ମହମ୍ମଦ ଇକବାଲ ଅଲ୍ଲୀ। ଗୌରୀଶଙ୍କର ଭୂୟାଁ ଭୁବନେଶ୍ୱରରେ ପ୍ଲାନିଂ ମେମ୍ବର ଥିବାବେଳେ ମହମ୍ମଦ ଇକବାଲ ଅଲ୍ଲୀ କଟକରେ ପ୍ଲାନିଂ ମେମ୍ବର ଅଛନ୍ତି। ଏମାନଙ୍କ ବିରୁଦ୍ଧରେ ଭିଜିଲାନ୍ସ ତଦନ୍ତ ଚାଲୁଥିଲେ ମଧ୍ୟ ସରକାର ତାଙ୍କୁ ସେହି ପଦବୀରେ ରଖିବା ଆଶ୍ଚର୍ଯ୍ୟ ଏବଂ ଦୁର୍ଭାଗ୍ୟର ବିଷୟ। ଏଠାରେ ସୂଚନାଯୋଗ୍ୟ ଡମଣାଛକର କ୍ଲବଟାଉନ, ଜୟଦେବ ବିହାର ଛକ ବିଲିଡିଂ, ଦ ୱାର୍ଲଡ ପାଖରେ ଥିବା ଲେକଭିୟୁ, ଇସ୍କନ ମନ୍ଦିର ପାର୍ଶ୍ୱବର୍ତି ପ୍ରଭୃତି ଅଟ୍ଟାଳିକା ପ୍ରଭୃତିକୁ ବେଆଇନ ଭାବେ ଅନୁମତି ଦିଆଯାଇଛି। ସରକାରଙ୍କର ବିଧିବ୍ୟବସ୍ଥାକୁ ଏଥିରେ ଉଲ୍ଲଙ୍ଘନ କରାଯାଉଛି। ବର୍ତମାନ ଭୁବନେଶ୍ୱରବାସୀ ଖୋଜୁଛନ୍ତି ଯେ ଭୁବନେଶ୍ୱର ସହରକୁ ଏପରି ଅବ୍ୟବସ୍ଥିତ କଲାକିଏ ? ବିଲଡର ମାନଙ୍କୁ ଆଖିବୁଜା ଅନୁମତି ଦେଲାକିଏ ? ଭୁବନେଶ୍ୱରରେ କୃତ୍ରିମବନ୍ୟା ପାଇଁ ଦାୟୀ କିଏ ? କେବଳ ଗୌରୀଶଙ୍କର ଭୂୟାଁ ଏବଂ ମହମ୍ମଦ ଇକବାଲ ଅଲ୍ଲୀ। ଗତ ୧୫ ବର୍ଷଧରି ମହମ୍ମଦ ଇକବାଲ ଅଲ୍ଲୀ ଭୁବନେଶ୍ୱରରେ କାର୍ଯ୍ୟ କରୁଥିଲେ। ଏମାନେ ପରୋକ୍ଷ ଭାବରେ ଅନେକ ବିଲଡର ସଂସ୍ଥାର ମାଲିକାନା ସହ ସଂପୃକ୍ତ ବୋଲି ଅଭିଯୋଗ ହେଉଛି। ତୁର' ଏହି ଦୁଇ ଅଫିସରଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ। ନହେଲେ ଛାତ୍ର କଂଗ୍ରେସ ପକ୍ଷରୁ ଦୁର୍ବାର ଓ ଦୃଢ଼ ଆନ୍ଦୋଳନ କରାଯିବ ଏବଂ ବିଡିଏ କାର୍ଯ୍ୟାଳୟ ଘେରାଉ କରାଯିବ।

## ବ୍ରାଉନସୁଗାର ଜବତ, ଜଣେ ଗିରଫ

ଧର୍ମଶାଳା (ପିଏନ): ଧର୍ମଶାଳା ବ୍ଲକ ଜେନାପୁର ଥାନା ଅନ୍ତର୍ଗତ ୫୩ ନଂ ଜାତୀୟ ରାଜପଥ ବାରକଣା ନିକଟରେ ଯାଜପୁର ଅବକାରୀ ବିଭାଗ ମୋବାଲ ସ୍କାର୍ଡ ପକ୍ଷରୁ ଚଢାଉ କରାଯାଇ ସ୍କୁଟି ଓ ୩୨ ଗ୍ରାମ ବ୍ରାଉନ ସୁଗାର ଜବତ କରିବା ସହ ଅଭିଯୁକ୍ତକୁ ଗିରଫ କରିଛି । ଅବକାରୀ ମୋବାଇଲ ସ୍କାର୍ଡ ଇନିସପେକ୍ଟର ସମିର ମହାଁ ଓ ସବଇନିସପେକ୍ଟର ଦୀଲିପ କୁମାର ନାୟକ ସହକର୍ମୀଙ୍କ ସହ ଡୁବୁରୀ ଛକରେ ଥିବା ବେଳେ ଓଡି-୩୪ପି-୩୯୩୪ ସ୍କୁଟିରେ ବ୍ରାଉନ ସୁଗାର ନେଇ ଜଣେ ଯୁବକ ଚଣ୍ଡିଖୋଲ ଆଡକୁ ଯାଉଥିବା ଖବର ପାଇଥିଲେ । ସଙ୍ଗେ ସଙ୍ଗେ ତାର ପିଛା କରି ୫୩ ନଂ. ଜାତୀୟ ରାଜପଥ ଜେନାପୁର ଥାନା ବାରକଣା ଠାରେ ଡୁବୁରୀ ଅଂଚଳର ସୁଦର୍ଶନ ବେହେରା (୩୩)ଙ୍କୁ ଗିରଫ କରିବା ସହ ତା' ନିକଟରୁ ୩୨ଗ୍ରାମ ବ୍ରାଉନ ସୁଗାର ଓ ସ୍କୁଟି ଜବତ କରିଥିଲେ। ଜବତ ବ୍ରାଉନ ସୁଗାରର ଆନୁମାନିକ ମୂଲ୍ୟ ୩ ଲକ୍ଷ ୨୦ ହଜାର ଟଙ୍କା ହେବ ବୋଲି ଅବକାରୀ ଇନ୍ସପେକ୍ଟର ଶ୍ରୀ ମହାନ୍ତି ସୂଚନା ଦେଇଛନ୍ତି। ଏ ନେଇ ଅବକାରୀ ବିଭାଗ ପକ୍ଷରୁ ୮୭/୨୨ରେ ଏକ କେଶ ରୁଜୁ କରାଯାଇ ଅଭିଯୁକ୍ତ ସୁଦର୍ଶନକୁ ଯାଜପୁର କୋର୍ଟ ଚାଲାଣ କରାଯାଇଛି ।

## ଜାତୀୟ କ୍ରୀଡା ଦିବସ ପାଳିତ

ଧର୍ମଶାଳା (ପିଏନ): ଧର୍ମଶାଳା ସ୍ପୋର୍ଟସ ଏକାଡେମୀ ପକ୍ଷରୁ ବାଣୀପୀଠ ପଡିଆରେ ଜାତୀୟ କ୍ରୀଡା ଦିବସ ଅନୁଷ୍ଠିତ ହୋଇଯାଇଛି । ଆୟୋଜିତ କାର୍ଯ୍ୟକ୍ରମରେ ବିଧାୟକ ପ୍ରଣବ ବଳବନ୍ତରାୟ ଅତିଥି ଭାବେ ଯୋଗଦେଇ ଏହି ଦିବସରେ କ୍ରୀଡା ଓ କ୍ରୀଡାବିତମାନଙ୍କୁ ଉତ୍ସାହିତ କରିବା ପାଇଁ ଖେଳ ସାମଗ୍ରୀ ବଂଟନ କରିବା ସହ ଏହି ଦିବସ ପାଳନ ସମ୍ପର୍କରେ ଆଲୋକପାତ କରିଥିଲେ । ଏହି ଅବସରରେ ଆୟୋଜକ କ୍ଲବର ସିନିଅର ଓ ଜୁନିଅର ଟିମ ମଧ୍ୟରେ ଏକ ବନ୍ଧୁତ୍ୱପୂର୍ଣ୍ଣ ଫୁଟବଲ ଟୁର୍ଣ୍ଣାମେଂଟ ଅନୁଷ୍ଠିତ ହୋଇଥିଲା। ଏଥିରେ ଜୁନିଅର ଟିମକୁ ୨/୦ ଗୋଲରେ ପରାସ୍ତ କରି ସିନିଅର ଦଳ ବିଜୟୀ ହୋଇଥିଲେ ।

## କାଠିରେ ବିରାଜିଲେ ବିଘ୍ନ ବିନାଶକ



ଭୁବନେଶ୍ୱର (ପିଏନ୍): ବିଦ୍ୟା ଦେବତା ବିଘ୍ନ ବିନାଶକଙ୍କୁ କାଠିରେ ଅତି ସୁନ୍ଦର ଓ ନିଖୁଣ ରୂପେ ସ୍ଥାପନ କରି ନିଷ୍ଠା ଓ ଭକ୍ତିର ସହ ଅବାହନ କରିଛନ୍ତି ପୋଖରୀପୁଟ ଅ ଳର ଆଠବର୍ଷର ଶିଶୁପୁତ୍ର ତଥା କୁନି ଚିତ୍ରଶିଳ୍ପୀ ଶାନ୍ତନୁ ଶାନ୍ତିସ୍ୱରୂପ। ଶାନ୍ତନୁ ଏକ କଳା ରଙ୍ଗର କାର୍ଡ଼ବୋର୍ଡ଼ ଏବଂ କିଛି କାଠି ଯୋଗାଡ଼ କରି ଏହାକୁ କାଟି ତାହାକୁ ଶ୍ରୀ ଗଣେଶଙ୍କ ପ୍ରତିଛବି ରୂପେ ସଜାଇବା ସହ ଆରାଧନା କରିଛନ୍ତି ଏବଂ ନିଜ ଅନ୍ତର୍ନିହିତ କଳାର ପରିଚୟ ଦେଇଛନ୍ତି। କାଠିରେ ଗଣେଶ ତିଆରି ସମ୍ପର୍କରେ ସେ କୁହନ୍ତି, ବିସର୍ଜନ ସମୟରେ ଏହା ପରିବେଶ ଉପରେ କୌଣସି ପ୍ରତିକୂଳ ପ୍ରଭାବ ପକାଇବ ନାହିଁ। ଏହା ମାଟିରେ ମିଶିଯିବ। ଏସବୁ ପାଇଁ ତାଙ୍କ ମାଆ ଅନସୂୟା ଓ ପିତା ପ୍ରେରଣା ସାଜିଛନ୍ତି ବୋଲି ଶାନ୍ତନୁ କୁହନ୍ତି। ସୂଚନାଯୋଗ୍ୟ, ଶାନ୍ତନୁ ଏବେ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଭୀମଟାଙ୍ଗି ବିଦ୍ୟାଳୟର ତୃତୀୟ ଶ୍ରେଣୀରେ ପାଠ ପଢୁଥିବାର ଜଣାପଡ଼ିଛି।

## ଫୁଲରେ ଶ୍ରୀଗଣେଶ



ଭୁବନେଶ୍ୱର (ପିଏନ୍): ଗିରିଜା ନନ୍ଦନ ଶ୍ରୀ ଗଣେଶଙ୍କ ପୂଜା। ଧରାପୃଷ୍ଠରେ ଅବତରଣ କରିଛନ୍ତି ଅଗ୍ରପୂଜ୍ୟ ଦେବତା ଶ୍ରୀ ଗଣେଶ। ଏହି ଅବସରରେ ଗଣେଶ ଚତୁର୍ଥୀରେ ଜନସାଧାରଣଙ୍କୁ ପ୍ରକୃତି ପ୍ରେମର ବା । ଦେବାକୁ ଯାଇ ଏକ ନିଆରା ଶୈଳୀରେ ଉଲ୍‌ରେ ବିଭିନ୍ନ ରଙ୍ଗର ଫୁଲ ତିଆରି କରି ବିଘ୍ନ ବିନାଶକଙ୍କୁ ସ୍ଥାପନ କରିଛନ୍ତି ରାଜଧାନୀ ଭୁବନେଶ୍ୱର ପୋଖରୀପୁଟ ଅ ଳରେ ରହୁଥିବା ପରିବେଶବିତ୍ ସୁଶାନ୍ତ ସାହୁ। ଏଥିରେ କୌଣସି ପ୍ରକାର ପ୍ଲାଷ୍ଟିକ୍, ପଲିଥିନ୍ ବା ରାସାୟନିକ ରଙ୍ଗର ବ୍ୟବହାର କରାଯାଇ ନାହିଁ। ବେଶ୍ ସୁନ୍ଦର ହୋଇଛନ୍ତି ଫୁଲ ଗଣେଶ। ପୂଜା ପରେ ବିସର୍ଜନ ସମୟରେ ପରିବେଶ ଉପରେ ଏହା କୁପ୍ରଭାବ ପଡ଼ିବ ନାହିଁ। ନଦୀ, ନାଳ ଓ ଜଳାଶୟ ମଧ୍ୟ ପ୍ରଦୂଷିତ ହେବ ନାହିଁ। ସଂପ୍ରତି ପର୍ଯ୍ୟାବରଣକୁ କ୍ଷତି ନ ପହ ।ଇବା ନିମନ୍ତେ ପୂଜାପାର୍ବଣ ଗୁଡ଼ିକ ପରିବେଶଧର୍ମୀ ହେବା ନିତାନ୍ତ ଜରୁରୀ ବୋଲି ପରିବେଶବିତ୍ ଶ୍ରୀ ସାହୁ କହିଛନ୍ତି।

# ଧର୍ମଶାଳା ମହାବିଦ୍ୟାଳୟର ପ୍ରତିଷ୍ଠା ସମାରୋହ



ଧର୍ମଶାଳା (ପିଏନ୍): ଧର୍ମଶାଳା ମହାବିଦ୍ୟାଳୟର ୪୫ତମ ପ୍ରତିଷ୍ଠା ସମାରୋହ ଆଡମ୍ବର ସହକାରେ ଅନୁଷ୍ଠିତ ହୋଇଯାଇଛି। ଜାରକାସ୍ଥିତ କଲେଜ ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭବେ ଉଚ୍ଚଶିକ୍ଷା ମନ୍ତ୍ରୀ ରୋହିତ ପୂଜାରୀ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଉତ୍ସବକୁ ଉଦ୍‌ଘାଟନ କରି ଯେଉଁ ଦେଶର ଶିକ୍ଷା ବ୍ୟବସ୍ଥା ଯେତେ ସୁଦୃଢ଼ ସେ ଦେଶର ବିକାଶ ସେତେ ଅଧିକ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଜନହିତକର କାର୍ଯ୍ୟ ଧର୍ମଶାଳା ନିର୍ବାଚନ ମଣ୍ଡଳୀରେ ସଫଳ ରୂପାୟନ ହୋଇଥିବା ପ୍ରକାଶ କରି କହିଲେ ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ ଧର୍ମଶାଳାରେ ସ୍ଥାପନ କରାଯିବ। 'ମୋ କଲେଜ'କୁ ଏକ ଆନ୍ଦୋଳନରେ ପରିଣତ କରିବାକୁ ମନ୍ତ୍ରୀ ଆହ୍ୱାନ ଦେଇ କଲେଜର ଆବଶ୍ୟକତାକୁ ପୂରଣ କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ମହାବିଦ୍ୟାଳୟର ଅଧକ୍ଷ ତପନ କୁମାର ମିଶ୍ରଙ୍କ ସଭାପତିତ୍ୱରେ ମୁଖ୍ୟବକ୍ତା ଭାବେ ବିଧାୟକ ପ୍ରଣବ କୁମାର ବଳବନ୍ତରାୟ ଯୋଗଦେଇ ଧର୍ମଶାଳା ଅଂଚଳରେ ଥିବା ସମସ୍ତ କଲେଜକୁ କ୍ରୀଡ଼ାପାଇଁ ଏହି କଲେଜକୁ ଏକ ନୋଡାଲ ସେଂଟର କରାଯିବ ବୋଲି କହିଥିଲେ। ସମ୍ମାନିତ ଅତିଥି ରୂପେ ଶିଶୁ ସାହିତ୍ୟିକ ତଥା କଲେଜ ପରିଚାଳନା କମିଟି ସଭାପତି ଡ. ପ୍ରିୟନାଥ ମହାପାତ୍ର, ଅନ୍ୟତମ ସମ୍ମାନିତ ଅତିଥି ଭାବେ ବ୍ଲକ ଅଧକ୍ଷ ପ୍ରଭାତ କୁମାର ବଳବନ୍ତରାୟ, ସିନେ ତାରକା ଅରିନ୍ଦମ ରାୟ, ଜିଲ୍ଲା ପରିଷଦ ସଭ୍ୟା ସ୍ମୃତିରେଖା ବେହେରା ଯୋଗଦେଇ ନିଜ ଅନୁଭୂତି ସମ୍ପର୍କରେ ବର୍ଣ୍ଣନା କରିଥିଲେ। ସଭାପତି ଶ୍ରୀ ମିଶ୍ର କଲେଜ ପ୍ରତିଷ୍ଠା କରିଥିବା ସ୍ରଷ୍ଟାମାନଙ୍କୁ ସ୍ମରଣ କରି ବିଧାୟକଙ୍କ ସହଯୋଗରେ ଏହି କଲେଜ ଧର୍ମଶାଳା ଅଂଚଳର ଏକ ପ୍ରମୁଖ କଲେଜରେ ପରିଣତ ହୋଇଛି ବୋଲି କହିଥିଲେ। ଏହି ଅବସରରେ ସେ ଅତିଥିମାନଙ୍କୁ କଲେଜ ପକ୍ଷରୁ ଉପଢୌକନ ପ୍ରଦାନ ପୂର୍ବକ ସଂବର୍ଦ୍ଧନା ଜଣାଇଥିଲେ। ଅଧାପକ ସନ୍ତୋଷ କୁମାର ପଣ୍ଡା, ପୀତବାସ କର ଓ ଛାତ୍ରୀମାନେ ସ୍ୱାଗତ ସଂଗୀତ ପରିବେଷଣ କରିଥିବାବେଳେ ପ୍ରାଧାପକ ଜୟନ୍ତ କୁମାର ସାହୁ ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି ଅବସରରେ କଲେଜରେ କୃତିତ୍ୱ ଅର୍ଜନ କରିଥିବା +୨ କଳାରେ ସର୍ବାଧିକ ମାର୍କ ରଖି ଉତୀର୍ଣ୍ଣ ହୋଇଥିବା ସସ୍ମିତା ସ୍ୱୟଂପ୍ରଭା ସାହୁ, ବିଜ୍ଞାନରେ ସୌମ୍ୟରଂଜନ ମହାପାତ୍ର ଓ ଦିନେଶ ନାୟକ, ବାଣିଜ୍ୟରେ ଅନିଲ କୁମାର ଦାସଙ୍କୁ ମନ୍ତ୍ରୀ ପ୍ରଶଂସାପତ୍ର ଓ ପୁରସ୍କାର ପ୍ରଦାନ କରିଥିଲେ। ସେହିପରି +୩ କଳାରେ ସର୍ବାଧିକ ନମ୍ବର ରଖି ପାସ କରିଥିବା ସତ୍ୟବ୍ରତ ବଳ, ବିଜ୍ଞାନରେ ବିଶ୍ୱଭୁଷଣ ଦାସ, ବାଣିଜ୍ୟରେ ସୌମ୍ୟଶ୍ରୀ ଜେନାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପ୍ରାଧାପକ ଅରବିନ୍ଦ କୁମାର ମହାନ୍ତି ମଂଚ ପରିଚାଳନା କରିବା ସହ ଧନ୍ୟବାଦ ଅର୍ପଣ କରିଥିଲେ। ପରେ କଲେଜର ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# ଜୟପ୍ରକାଶ ହସ୍‌ପିଟାଲ ପ୍ରତି ଅହେତୁକ ଅନୁକମ୍ପା କାହା ସ୍ୱାର୍ଥରେ ?



ରାଉରକେଲା (ପିଏନ୍): ଜୟପ୍ରକାଶ ହସ୍‌ପିଟାଲ ପ୍ରତିଷ୍ଠା ଦିନଠାରୁ ବିବାଦରେ ରହିଆସିଛି । ତଥାପି ରାଜ୍ୟ ସରକାରଙ୍କଠାରୁ ଆରମ୍ଭ କରି ଜିଲ୍ଲା ପ୍ରଶାସନ ପର୍ଯ୍ୟନ୍ତ ସମସ୍ତେ ଉକ୍ତ ସଂସ୍ଥାକୁ କାହିଁକି ଅହେତୁକ ଅନୁକମ୍ପା ପ୍ରଦର୍ଶନ କରୁଛନ୍ତି, ତାହା ସାଧାରଣରେ ସନ୍ଦେହ ସୃଷ୍ଟି କରିଛି । ସତେ ଯେମିତି ସୁନ୍ଦରଗଡ ଜିଲ୍ଲାର ଡିଏମ୍‌ଏଫ୍ ଫଣ୍ଡ ଉକ୍ତ ହସ୍‌ପିଟାଲକୁ ପୋଷିବା ପାଇଁ ହୋଇଛି ବୋଲି ଅନୁଭବ ହେଉଛି । ଉକ୍ତ ହସ୍‌ପିଟାଲରେ କେଉଁ ମାନର ଚିକିତ୍ସା ମିଳୁଛି ଏବଂ ରୋଗୀ ଓ ତାଙ୍କ ସମ୍ପର୍କୀୟମାନେ କିଭଳି ଶୋଷଣର ଶିକାର ହେଉଛନ୍ତି ତାହା କାହାକୁ ଅଛପା ନାହିଁ । ଏପରିକି ଯେତେବେଳେ କରୋନାର ପ୍ରକୋପରେ ସମସ୍ତେ ଆତଙ୍କିତ ହୋଇ ରହିଥିଲେ ଏବଂ ଚିକିତ୍ସା ଅଭାବ ଯୋଗୁ ହାହାକାର ଦେଖା ଦେଇଥିଲା ସେତେବେଳେ ଉକ୍ତ ଡାକ୍ତରଖାନା ଉ ମ ଚିକିତ୍ସା ବାହାନାରେ ଅର୍ଥ ଉପାର୍ଜନର ମେସିନରେ ପରିଣତ ହୋଇଥିଲା । ସେତେବେଳେ କଂଗ୍ରେସ ଦଳ ତରଫରୁ ମଧ୍ୟ ଏହି ରୋଗୀ ଶୋଷଣ ଓ ହସ୍‌ପିଟାଲ ପ୍ରତି ଜିଲ୍ଲା ପ୍ରଶାସନର ଅହେତୁକ ଅନୁକମ୍ପା ପ୍ରଦର୍ଶନର ପ୍ରତିବାଦରେ ଦୁଇ ଦୁଇ ଥର ଉକ୍ତ ହସ୍‌ପିଟାଲକୁ ଘେରାଉ କରିବା ସହ ସେଠାରେ ବିକ୍ଷୋଭ ପ୍ରଦର୍ଶନ କରିଥିଲା । ତେବେ ଏତେସବୁ ଅଭିଯୋଗ ପରେ ମଧ୍ୟ ଜିଲ୍ଲା ପ୍ରଶାସନ ଡାକ୍ତରଖାନାକୁ ଆକଟ କରିବା ପରିବର୍ତ୍ତେ ମନଇଚ୍ଛା ବିଲ୍ ପୈଠ କରିଚାଲିଥିଲେ, ଯାହା ରାଜ୍ୟ ସରକାରଙ୍କ ମନ୍ତ୍ରୀ ଏବେ ଶାସକ ଦଳର ବିଧାୟକଙ୍କ ପ୍ରଶ୍ନର ଉ ର ରଖିବାକୁ ଯାଇ ବିଧାନସଭାରେ ସ୍ପଷ୍ଟ କରିଛନ୍ତି । ମନ୍ତ୍ରୀଙ୍କ ଉ ରରୁ କେଉଁଭଳି ଭାବରେ ଏହି ହସ୍‌ପିଟାଲକୁ ଅନୁକମ୍ପା ମିଳିଛି ତାହା ସ୍ପଷ୍ଟ ହୋଇଯାଇଛି ।

ବିଧାନସଭାରେ ମନ୍ତ୍ରୀ ଦେଇଥିବା ତାଲିକା ମୁତାବକ ଜୟପ୍ରକାଶ ହସ୍‌ପିଟାଲକୁ ୧୦୫ କୋଟିରୁ ଉର୍ଦ୍ଧ୍ୱ ଟଙ୍କା ଡିଏମ୍‌ଏଫ୍ ଫଣ୍ଡରୁ ଦିଆଯାଇଛି । ସବୁଠାରୁ ସନ୍ଦେହଜନକ ଘଟଣା ହେଉଛି ଭୁବନେଶ୍ୱର ସ୍ଥିତ ସମ୍ ହସ୍‌ପିଟାଲକୁ କୋଭିଡ୍ ରୋଗୀ ପିଛା ହାରାହାରି ୧,୨୪,୬୭୨ ଟଙ୍କା ସରକାରଙ୍କ ତରଫରୁ ଦିଆଯାଇଥିବା ବେଳେ କିମ୍‌ସ ହସ୍‌ପିଟାଲକୁ ରୋଗୀ ପିଛା ୯୮,୨୭୩ ଟଙ୍କା ମିଳିଛି । କିନ୍ତୁ ଜୟ ପ୍ରକାଶ ହସ୍ ପିଟାଲକୁ କୋଭିଡ୍ ରୋଗୀ ପିଛା ୫,୧୮,୯୬୯ ଟଙ୍କା ଦିଆଯାଇଛି । ସମ୍ ଓ କିମ୍‌ସ୍ ହସ୍‌ପିଟାଲରେ ଚିକିତ୍ସାର ମାନ କିଭଳି ଓ ଜୟ ପ୍ରକାଶ ହସ୍‌ପିଟାଲରେ ଚିକିତ୍ସାର ମାନ କେମିତି ଥିଲା ଓ ଏବେବି କିପରି ରହିଛି ତାହା କାହାକୁ ଅଛପା ନାହିଁ । ସେ କ୍ଷେତ୍ରରେ ଜୟ ପ୍ରକାଶ ହସ୍‌ପିଟାଲକୁ କାହିଁକି ଏତେଗୁଡିଏ ଟଙ୍କା ଦିଆଗଲା ? ତେଣୁ ସ୍ୱାଭାବିକ ଭାବରେ ଏଥିରେ କିଛି ଦୁର୍ନୀତିଗ୍ରସ୍ତ ଅଧିକାରୀ ଓ ଶାସକ ଦଳର ନେତାଙ୍କ ହାତ ଚିକ୍କଣ ହୋଇଥିବାର ଗନ୍ଧ ସ୍ପଷ୍ଟ ବାରି ହେଉଛି । ତେଣୁ ଏହାର ଏକ ନିରପେକ୍ଷ ଅଡିଟ୍ ଓ ଭିଜିଲାନ୍ସ ତଦ'ର ଆବଶ୍ୟକତା ରହିଛି ।

ଡିଏମ୍‌ଏଫ୍ ଫଣ୍ଡରୁ ଏତେ ପଇସା ଦେଲା ପରେ ବି ଜିଲ୍ଲା ପ୍ରଶାସନର ମନ ଶାଁ ହେଲା ନାହିଁ । ଏବେ ପୁଣି ଦୁର୍ଘଟଣାଗ୍ରସ୍ତ ରୋଗୀଙ୍କୁ ମାଗଣା ଚିକିତ୍ସା ଦେବା ବାହାନାରେ କୋଟି କୋଟି ଟଙ୍କା ଦିଆଯାଉଛି, ଯାହାକି ଆଉ ଏକ କେଲେଙ୍କାରୀ । ଏହାର ମଧ୍ୟ ଏକ ବିଧିବଦ୍ଧ ଉଚ୍ଚସ୍ତରୀୟ ତଦ' ହେବାର ଆବଶ୍ୟକତା ରହିଛି । ଅନୁରୂପ ଭାବେ ବିଏସ୍‌କେୱାଇ ସ୍କିମ୍‌ରେ ମଧ୍ୟ ଉକ୍ତ ହସ୍‌ପିଟାଲ ଅନୈତିକ ଉପାୟରେ ବିପୁଳ ଫାଇଦା ହାସଲ କରୁଛି । ସରକାରୀ ଉଚ୍ଚ କର୍ତ୍ତୃପକ୍ଷ ଏଥିପ୍ରତି ମଧ୍ୟ ଦୃଷ୍ଟି ଦେବାର ଆବଶ୍ୟକତା ରହିଛି ବୋଲି ଆଜି ଏହି ସାମ୍ବାଦିକ ସମ୍ମିଳନୀରେ ରାଉରକେଲାର ପ୍ରାକ୍ତନ ବିଧାୟକ ପ୍ରାର୍ଥୀ ଶ୍ରୀ ବିରେନ ସେନାପତି ପ୍ରକାଶ କରିଛନ୍ତି । ଏହି ହସ୍‌ପିଟାଲକୁ ଅହେତୁକ ଅନୁକମ୍ପା ପ୍ରଦର୍ଶନ କରି ଯୋଗାଇ ଦିଆଯାଇଥିବା ବିପୁଳ ଆର୍ଥିକ ଫାଇଦା ସମ୍ପର୍କରେ ଯଦି ସରକାର ଭିଜିଲାନ୍ସ ତଦ' କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରନ୍ତି ତେବେ ଆଗାମୀ ଦିନରେ ସାଧାରଣ ଲୋକେ ତାର ଉଚିତ୍ ଜବାବ୍ ଦେବେ ବୋଲି ଶ୍ରୀ ସେନାପତି ଏହି ଅବସରରେ ପ୍ରକାଶ କରିଛନ୍ତି । ଏହି ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ସେନାପତିଙ୍କ ସମେତ ଜିଲ୍ଲା କଂଗ୍ରେସର ଅନ୍ତରୀଣ ସଭାପତି ଦେବବ୍ରତ ବିହାରୀ, ରଘୁନାଥପାଲ୍ଲୀର ପ୍ରାକ୍ତନ ବିଧାୟକ ପ୍ରାର୍ଥୀ ପ୍ରଶାନ୍ତ ସେଠୀ, ସବୀର ହୁସେନ, ଉପସଭାପତି ଉମେଶ ଶରଣ ଓ କୀର୍ତ୍ତନ ଦାସ, ପିସିସି ସଭ୍ୟ ରାମାନନ୍ଦ ଶ୍ରୀଚନ୍ଦନ, ପିସିସିର ପୂର୍ବତନ ସମ୍ପାଦକ ରଶ୍ମୀରଂଜନ ପାଢୀ, ମୁଖପାତ୍ର କୈଳାସ ସାହୁ ଓ ସେବାଦଳର ବୁଲୁ ଦାସ ପ୍ରମୁଖ ଉପସ୍ଥିତ ଥିଲେ ।

## ପାରାଦୀପ ରୋଟାରୀ କ୍ଲବ୍ ପକ୍ଷରୁ ବୃକ୍ଷରୋପଣ କାର୍ଯ୍ୟକ୍ରମ

ପାରାଦୀପ (ପିଏନ୍)-ପାରାଦୀପ ଶାଖା ରୋଟାରୀ କ୍ଲବ୍ ପକ୍ଷରୁ ବନ୍ଦରର ଗଲ୍ଫ ପଡିଆ ପରିସରରେ ଏକ ବୃକ୍ଷରୋପଣ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି । ସଂପ୍ରତି ଫଳନ୍ତି ଗଛର ଆବଶ୍ୟକତା ଦୃଷ୍ଟିରେ ରଖି କ୍ଲବ ପକ୍ଷରୁ ଫଳ ଗଛ ଆମ୍ବ, ନଡିଆ,ପଣସ,ପିଜୁଳି ଇତ୍ୟାଦି ବୃକ୍ଷରୋପଣ କରାଯାଇଥିଲା । ପାରାଦୀପ ରୋଟାରୀ କ୍ଲବ୍‌ର ସଭାପତି ଦୀପକ କୁମାର ଷଡଙ୍ଗୀଙ୍କ ତତ୍ୱାବଧାନରେ ଆୟୋଜିତ ଏହି ବୃକ୍ଷରୋପଣ କାର୍ଯ୍ୟକ୍ରମରେ ସମ୍ପାଦକ ଗଣେଶ୍ୱର ପାତ୍ର, ରୋଟାରିୟାନ ଡ. ଦୁର୍ଗା ପ୍ରସାଦ ସେଠୀ, କୈଳାସ ଚନ୍ଦ୍ର ମହାରଣା, କ୍ୟାପଟେନ୍ ଅଲେଖ ଚନ୍ଦ୍ର ସାହୁ, ଅକ୍ଷୟ ଚନ୍ଦ୍ର ମିଶ୍ର, ଆବାସ ଚନ୍ଦ୍ର ଚୌଧୁରୀ, ପ୍ରଶାନ୍ତ କୁମାର ମହାପାତ୍ର ପ୍ରମୁଖ ସକ୍ରିୟ ଭାବେ ସହଯୋଗ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ପାରାଦୀପ ଗଲ୍ଫ କ୍ଲବ୍‌ର ସଭାପତି ଡି.ଏନ୍. ସୋନ୍ଧି, କାର୍ଯ୍ୟକାରୀ ସଭାପତି ବବୁଲ୍ ସିକଦାର୍, ଉପସଭାପତି ଅକ୍ଷୟ ଚନ୍ଦ୍ର ସୂତାର, ସମ୍ପାଦକ ମନୋଜ କୁମାର ମହନ୍ତ, ସଭ୍ୟ ହରିହର ଦାଶ, ଧର୍ମେନ୍ଦ୍ର ମିଶ୍ର, ପି. ଟୁଡୁ ଏବଂ ବହୁ ରୋଟାରିୟାନ ଓ ଗଲ୍ଫ କ୍ଲବର ସଦସ୍ୟମାନେ ଏହି ବୃକ୍ଷରୋପଣ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ ।

## ଲଘୁଚାପଜନିତ ବନ୍ୟାରେ ୬ଟି ପଂଚାୟତ ପ୍ରଭାବିତ

ଖୋର୍ଦ୍ଧା (ପିଏନ)- ଲଘୁଚାପଜନିତ ବର୍ଷାରେ ମହାନଦୀର ଜଳ ରଣ ନଈର ଓଲଟା ପାଣି ପ୍ରବାହିତ ହୋଇ ଜଳମଗ୍ନ ହେବା ଫଳରେ ହେକ୍ଟର ହେକ୍ଟର ଧାନ ଜମି ନଷ୍ଟ ହୋଇଥିବା ବେଳେ ବ୍ଲକ ପ୍ରଶାସନ ପକ୍ଷରୁ ରିପୋର୍ଟ କରାଯାଇଛି। ବେଗୁନିଆ କୃଷି ଅଧିକାରୀ ଗଣେଶ୍ୱର ରଥଙ୍କ ସୂଚନା ମୁତାବକ ଏହି ଲଘୁଚାପ ଜନିତ ବର୍ଷାରେ ବ୍ଲକର ୬ ଗୋଟି ପଂଚାୟତ ଯଥା ଦୁର୍ଗାପୁର, ସାରୁଅ, ବାଘମାରୀ, ସିମୋର, ପୋଡାଡିହ ଓ ପଙ୍ଗାରସିଂହରେ ବନ୍ୟାଜଳରେ ଜଳମଗ୍ନ ହୋଇ ୧୯୯୩ ହେକ୍ଟର ଚାଷଜମି ନଷ୍ଟ ହୋଇଛି ବୋଲି ଆମ ପ୍ରତିନିଧିଙ୍କୁ ଜଣାଇଛନ୍ତି।


DISPLAY CLASSIFIED

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10 c.m.x 4cm: Rs. 8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.K.G. & U.K.G.
N-3B-14/15, Ekamra Kanan Road,Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

Mahaditya Publication

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS / ASTROLOGERS / VASTU EXPERTS ?
Contact :
Near Mukteswar Temple,
Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

Pragyan Communication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.K.G., U.K.G., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com




# ‘କାଗଜ ଗୁଡି’ର ଶୁଭମହୁରତ୍

ଭୁବନେଶ୍ୱର,(ପିଏନ): ସୁମିତ୍ରା ଏଂଟରଟେନ୍‌ମେଂଟ୍ ନିବେଦିତ ଓଡିଆ ଚଳଚ୍ଚିତ୍ର ‘ମନ ମୋର କାଗଜଗୁଡି’ର ମହୁରତ ହୋଇଯାଇଛି। ନିକୋପାର୍କ ନିକଟସ୍ଥ ସୁନାଦେଇ ମନ୍ଦିରରେ ଆୟୋଜିତ ଏହି ମହୁରତ ଉତ୍ସବରେ ମାନ୍ୟବର ଭୁବନେଶ୍ୱର ମଧ୍ୟ ବିଧାୟକ ଶ୍ରୀ ଅନନ୍ତ ନାରାୟଣ ଜେନା ମହୁରତ କ୍ଲାପ ଦେଇ ଚଳଚ୍ଚିତ୍ରର ଆନୁଷ୍ଠାନିକ ଭାବେ ଶୁଭାରମ୍ଭ ସହିତ ଟାଇଟଲ୍ ଉନ୍ମୋଚିତ କରିଥିଲେ। ରାକେଶ ଓ ଭୂମିକାଙ୍କ ଅଭିନୀତ ଏହି ଚଳଚ୍ଚିତ୍ରର ନିର୍ଦ୍ଦେଶନା ଦେଉଛନ୍ତି ଡିରେକ୍ଟର ଦେବଜ୍ୟୋତି ପାତ୍ର (ଦୀପୁ) । ଯଦିଓ ନିର୍ଦ୍ଦେଶକ ଭାବେ ଏହା ତାଙ୍କର ପ୍ରଥମ ସିନେମା ହେବ ତେବେ ଷାଠିଏରୁ ଊର୍ଦ୍ଧ୍ୱ ସିନେମାର ସେ ଚିଫ୍ ଭାଇ। ଗୀତରଚନା କରିଛନ୍ତି ବସନ୍ତରାଜ ସାମଲ ଓ ସୁବ୍ରତ ସ୍ୱାଇଁ। ଦିବ୍ୟସିଂହ ରାୟଙ୍କ ରଚିତ କାହାଣୀରେ ସଂଳାପ ଦେଇଛନ୍ତି ମାନସ ପଢିଆରୀ। ସୋମିଓ ସିନେମାଟୋଗ୍ରାଫର ଥିବାବେଳେ ମୁଖ୍ୟ ସହକାରୀ ନିର୍ଦ୍ଦେଶକ ଓ ସହକାରୀ ନିର୍ଦ୍ଦେଶକ ଅଛନ୍ତି ସ୍ୱାଗତ ପାତ୍ର ଏବଂ ଜୁନିୟର ସିଦ୍ଧାନ୍ତ। ମେକ୍ ଅପ୍‌ରେ ରାଜୁ, କେଶବିନ୍ୟାସରେ ତୁଳସୀ ଓ କଳାରେ ନବଘନ ଦଳେଇ ଥିବାବେଳେ ବ୍ୟବସ୍ଥାପନାରେ ଅଛନ୍ତି ସର୍ବେଶ୍ୱର ସୂତାର। ଚଳଚ୍ଚିତ୍ରର ପ୍ରଚାର ଓ ପ୍ରସାର ଦାୟିତ୍ୱ ବହନ କରିଛନ୍ତି ‘ବେଷ୍ଟ ଆଇଡିଆଜ୍’। ‘ମନ ମୋର କାଗଜ ଗୁଡି’ ଶୀର୍ଷକରେ ନିର୍ମିତ ଏହି ଚଳଚ୍ଚିତ୍ରର କାହାଣୀ ସମ୍ପୂର୍ଣ୍ଣ ଭିନ୍ନ ଧରଣର। ଓଡିଆ ଚଳଚ୍ଚିତ୍ର ଶିକାର ହୋଇ ଯୁବ ପିଢି କିପରି ଅବାଟରେ ପାଦ ରଖୁଛନ୍ତି ଓ ନିଶା କବଳରେ କବଳିତ ହେଉଛନ୍ତି, ତାର ନଜିର ରହିଛି ଏଥିରେ। ବାଟବଣା ଯୁବ ବର୍ଗଙ୍କୁ ବାଟକୁ ଆଣିବାକୁ ସୁମିତ୍ରା ଏଂଟରଟେନ୍ ମେଂଟ୍‌ର ଏ ପ୍ରୟାସ। କାହାଣୀରେ ମନୋରଞ୍ଜନର ଭରପୂର ମସଲା ରହିଛି। ସବୁ ବର୍ଗର ଦର୍ଶକଙ୍କୁ ଏହା ପସନ୍ଦ ଆସିବ। ଏହା ଏକ ବ୍ୟୟବହୁଳ ଛବି ହୋଇଥିବା ବେଳେ ଗୀତଗୁଡିକ ବାହାର ଲୋକେସନରେ ସୁଟିଂ କରାଯିବାର ଯୋଜନା ରହିଛି। ସିନେମା ପାଇଁ କେବଳ ସିନେମା ନୁହେଁ। କରୋନା ଯୋଗୁ ଠପ୍ ହୋଇଯାଇଛି ସିନେମା ଶିଳ୍ପ। କଳାକାର ଓ ଟେକ୍ନିସିଆନଙ୍କ ହାତରେ ପ୍ରାୟତଃ କାମ ନାହିଁ। ନାହିଁ ନଥିବା




ଏସୋସିଏଟ୍ ଡିରେକ୍ଟର ଭାବେ କାମ କରିସାରିଛନ୍ତି। ନାୟକ ନାୟିକା ଭାବେ ନଜର ଆସିବେ ୟଙ୍ଗ୍ ସେନ୍‌ସେସନ ରାକେଶ ଓ ଭୂମିକା। ରାକେଶ ଓ ଭୂମିକା ଯୋଡିର ଏହା ପ୍ରଥମ ଚଳଚ୍ଚିତ୍ର। ଅନ୍ୟାନ୍ୟ ଭୂମିକାରେ ପ୍ରୀତିରାଜ ଶତପଥୀ, ଐଶ୍ୱର୍ଯ୍ୟା ବେହେରା, ମମତା ଦାଶ, ବୀରେନ୍ ମିଶ୍ର, ଗୁଡୁ, ଜ୍ଞାନ ପ୍ରମୁଖଙ୍କୁ ଦେଖିବାକୁ ମିଳିବ। ଯୁବ ଉଦ୍ୟୋଗୀ ଶିବିର ପରିଡା ଓ ଲକ୍ଷ୍ମୀପ୍ରିୟା ପରିଡାଙ୍କ ପ୍ରଯୋଜନାରେ ନିର୍ମିତ ‘ମନ ମୋର କାଗଜ ଗୁଡି’ର ସହ ପ୍ରଯୋଜକ ଅଛନ୍ତି ବିବେକାନନ୍ଦ ବାରିକ ଓ ପାର୍ବତୀ ବାରିକ। ସଙ୍ଗୀତ ଦେଇଛନ୍ତି ଜାପାନୀ ଶୀର୍ଷକରେ ଇଂରାଜୀ ଓ ହିନ୍ଦୀ ଶବ୍ଦର ବ୍ୟବହାରକୁ ନେଇ ଦର୍ଶକ ଓ ସମାଲୋଚକମାନେ ପ୍ରଶ୍ନ ଉଠାଇ ଆସିଛନ୍ତି। ସେ ଦୃଷ୍ଟିରୁ ଏହାର ଶୀର୍ଷକ ନିଆରା। ଏହା ଏମିତି ଏକ ଶୀର୍ଷକ ଯେଉଁଥିରେ ଓଡିଆତ୍ୱ ରହିଛି, ରହିଛି ଆପଣାପଣ। ଯେମିତି ମିଠା ସେମିତି ମନଛୁଆଁ। ଶୀର୍ଷକରୁ ହିଁ ଦର୍ଶକ ଅନୁମାନ କରିପାରିବେ ଯେ ଏହା ଏକ ମୌଳିକ କାହାଣୀ। କୌଣସି ସିନେମାର କପି ନୁହେଁ କି ଏଥିରେ କୌଣସି ସିନେମାର ଛାପ ନାହିଁ। ଆଉ ଏକ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ସାମ୍ପ୍ରତିକ ସମସ୍ୟା ଉପରେ ଏହା ଆଧାରିତ। ବିଭିନ୍ନ ପ୍ରକାର ଚାପର ଅସୁବିଧା ଭୋଗୁଛନ୍ତି ସମସ୍ତେ। ଏଣୁ ସୁମିତ୍ରା ଏଂଟରଟେନ୍‌ମେଂଟ୍ ପକ୍ଷରୁ କଳାକାର ଓ ଟେକ୍ନିସିଆନ୍‌ମାନଙ୍କୁ କାମ ଯୋଗାଇଦେବା ଉଦ୍ଦେଶ୍ୟ ନେଇ ଏହି ଚଳଚ୍ଚିତ୍ରର ଯୋଜନା କରାଯାଇଛି ବୋଲି ସ୍ପଷ୍ଟ କରିଛନ୍ତି ପ୍ରଯୋଜକ ଶିବିର କୁମାର ପରିଡା। ମହୁରତ ଉତ୍ସବରେ ଏହାର ସମସ୍ତ କଳାକାର ଓ ଟେକ୍ନିସିଆନଙ୍କ ସମେତ ଓଲିଉଡର ସହ ସମ୍ପୃକ୍ତ ବହୁ ନାମୀଦାମୀ ବ୍ୟକ୍ତିବିଶେଷ ଯୋଗ ଦେଇଥିଲେ। ନଭେମ୍ବର ୧୩ ତାରିଖରେ ‘ମନମୋର କାଗଜଗୁଡି’ ଫ୍ଲୋରକୁ ଆସିବ ବୋଲି ସୂଚନା ରହିଛି।

# ଦୀପାବଳିର ଇତିକଥା



ମୁରଲୀଧର ସାମଲ

ଭାରତର ପ୍ରାୟ ସବୁ ରାଜ୍ୟରେ ଦୀପାବଳି ଉତ୍ସବର ଆୟୋଜନ କରାଯାଇଥାଏ। ଏଭଳି ସର୍ବଭାରତୀୟ ଲୋକୋତ୍ସବ ବିରଳ। ନେପାଳରେ ତ ନିଶ୍ଚୟ ପାକିସ୍ଥାନର କେତେକ ହିନ୍ଦୁ ବହୁଳ ଅଞ୍ଚଳରେ ମଧ୍ୟ ଦୀପାବଳି ପର୍ବ ପାଳିତ ହୋଇଥାଏ। ବିଭିନ୍ନ ଅଞ୍ଚଳରେ ଭିନ୍ନ ଭିନ୍ନ କାରଣରୁ ଏହି ଉତ୍ସବ ପାଳନ କରିଥାନ୍ତି। ଉତ୍ତର ଓ ପଶ୍ଚିମ ଭାରତରେ ଲକ୍ଷ୍ମୀପୂଜାକୁ କେନ୍ଦ୍ର କରି ଦିଅଲି ବା ଦୀପାବଳି ପାଳୁଥିବା ବେଳେ ଦକ୍ଷିଣ ଭାରତ ପବିତ୍ର ନଦୀଗୁଡ଼ିକରେ ପୁଣ୍ୟାର୍ଥୀ ସ୍ନାନାଦି କର୍ମରେ ଏହି ଉତ୍ସବ ପାଳନ କରିଥାଆନ୍ତି। ଏହି ଉତ୍ସବର ମୂଳ ଉଦ୍ଦେଶ୍ୟ ଦୀପ ପ୍ରଜ୍ୱଳନ।

କେବେ ଏହାର ଆରମ୍ଭ ସେଥିରେ ସଂଶୟ ଅଛି। ନାନା ମୁନିର ନାନା ମତ ଥିଲେ ମଧ୍ୟ ହିନ୍ଦୁ ଧର୍ମର ନାନା ପ୍ରକାର ଭୟଭୀତର ସଂସ୍କାରରୁ ଏ ଉତ୍ସବର ଆରମ୍ଭ ବୋଲି କେତେ ମତ ଦିଅନ୍ତି। ହିନ୍ଦୁ ମାନଙ୍କର ଧାରଣା ଯେ ସେମାନଙ୍କ ପୂର୍ବପୁରୁଷ ପାପ କର୍ମର ଫଳ ସ୍ୱରୂପ ମୃତ୍ୟୁ ପରେ ଯମଲୋକରେ ନାନା କଷ୍ଟ ଭୋଗନ୍ତି। ଯମ ଲୋକ ଅନ୍ଧକାରଚ୍ଛନ୍ନ ସ୍ଥାନ। ସେଠାରୁ ସେମାନଙ୍କର ଆଲୋକ ରାଜ୍ୟକୁ ଫେରି ଆଣିବା ପାଇଁ ବର୍ଷକରେ ଥରେ ଏ ସବୁ ଫିକର। ପୂର୍ବ ପୁରୁଷ ଆକାଶରେ ଆଲୋକର ରୋଶଣି ଦେଖି ମର୍ତ୍ତ୍ୟ ଲୋକକୁ ଫେରି ଆସିବେ ଏବଂ ସେମାନଙ୍କ ଜୀବିତ ବଂଶଧରଙ୍କୁ ଆଶୀର୍ବାଦ କରିବେ ସମାଜରେ ଏ ପ୍ରକାର ବିଶ୍ୱାସ ପ୍ରଚଳିତ। ଇତିହାସରେ ଦୀପାବଳି ଉତ୍ସବର ସୂଚନା ମିଳେ। ଭାରତ ଭ୍ରମଣରେ ଆସିଥିବା ଅନେକ ଐତିହାସିକ ଓ ପର୍ଯ୍ୟଟନ ଦୀପାବଳି ଉତ୍ସବ ସ୍ୱଚକ୍ଷୁରେ ଦେଖି ଯାଇଛନ୍ତି। ହର୍ଷବର୍ଦ୍ଧନଙ୍କ ‘ନାଗନମ’ ନାଟକରେ ଦୀପାବଳି ଉତ୍ସବର ଉଲ୍ଲେଖ ଅଛି। ଆଲବେରୁନିଙ୍କ ଭ୍ରମଣ ବୃତ୍ତାନ୍ତରେ ଦୀପାବଳି ଉତ୍ସବ କଥା ଲେଖା ଅଛି। ଆବୁଲ ଫଜଲ ତାଙ୍କ ‘ଆଇନ-ଇ-ଆକବରି’ ଗ୍ରନ୍ଥରେ ନିଜ ହାତରେ ଜଳାଇଥିବା ଦୀପ କଥା ଲେଖିଛନ୍ତି। ସମ୍ରାଟ ଦୀପାବଳି ଦିନ ପ୍ରଦୀପ ଜଳାନ୍ତି। ଆଜି ମଧ୍ୟ ଗୁଜୁରାଟର ବରଦା ସଂଗ୍ରହାଳୟରେ ସଯତ୍ନେ ରଖା ହୋଇଛି ସମ୍ରାଟ ଜଳାଇଥିବା ସେଇ ବିଶାଳ ଦୀପ। ସପ୍ତଦାଶ ଶତାବ୍ଦୀ ଆରମ୍ଭରେ ଯେଉଁ ଇଉରୋପୀୟ ପର୍ଯ୍ୟଟକ ଭାରତ ଭ୍ରମଣ କରିବାକୁ ଆସିଥିଲେ ସେମାନେ ସମସ୍ତେ ସମ୍ରାଟ ମାନଙ୍କ ଦୀପାବଳି ଉତ୍ସବ ଓ ନଦୀରେ ଦୀପ ଭସାଇବା ଉତ୍ସବ ଦେଖିଥିଲେ।

ହିନ୍ଦୁ ମହାକାବ୍ୟ ‘ମହାଭାରତ’ରେ ଦୀପାବଳିର ଗୁଣକୀର୍ତ୍ତନ କରାଯାଇଛି। ଦୀପ ତେଜଃ ପଦାର୍ଥ ଏବଂ ସର୍ବଦା ଊର୍ଦ୍ଧ୍ୱଗାମୀ। ଦୀପ ଜଳାଇଲେ ମନୁଷ୍ୟ ତେଜସ୍ୱୀ ଏବଂ ଉଚ୍ଚାକାଂକ୍ଷୀ। ସେକାଳର ମଣିଷ ଏସବୁ ଧାରଣରୁ ଦୀପ ଜଳାଇ ଆସିଛି ଏବଂ ଆଜିଯାଏ ଏଇସବୁ ଧାରଣା ଅବ୍ୟାହତ। ଦୀପ ଜଳାଇବା ପବିତ୍ର କାର୍ଯ୍ୟ ବୋଲି ମନେ କରାଯାଏ। ଦୀପାବଳି ଉତ୍ସବରେ ହିନ୍ଦୁମାନଙ୍କ ଘରେ ଘରେ ଲକ୍ଷ୍ମୀପୂଜା ହୁଏ। ଗୃହିଣୀମାନେ ଏଇ ପୂଜା ଘିଅ ଦୀପ ଜଳାଇ ଅନିଦ୍ରା ରହନ୍ତି। ସେମାନଙ୍କ ଧାରଣା ଏଇ ପୂଜାରେ ଲକ୍ଷ୍ମୀ ଦେବୀ ସନ୍ତୁଷ୍ଟ ହୋଇ ଧନ ସମ୍ପତ୍ତି ଦାନ କରନ୍ତି। ଏହି ଦିନ ରାମଚନ୍ଦ୍ର ରାବଣ ବଧକର ସୀତାଙ୍କୁ ଧରି ଅଯୋଧ୍ୟା ପ୍ରତ୍ୟାବର୍ତ୍ତନ କରିଥିଲେ ଏବଂ ପରଦିନ ରାମଚନ୍ଦ୍ରଙ୍କ ରାଜ୍ୟାଭିଷେକ ହୋଇଥିଲା। ଅମାବାସ୍ୟା ରାତିରେ ଅଯୋଧ୍ୟା ନଗରୀରେ ଖୁସିର ଲହରି ଖେଳିଯାଇଥିଲା। ସେବେଠାରୁ ଏହି ଦିନ ବାଣ ଫୁଟାଇ ଦୀପ ଜଳାଇ ଏଇ ଉତ୍ସବ ପାଳନ କରାଯାଉଛି। ରାଜା ବିକ୍ରମାଦିତ୍ୟ ହନୁମାନଙ୍କୁ ପରାଜିତ କିଚି ଦେଶରୁ ସଂପୂର୍ଣ୍ଣ ରୂପେ ବିତାଡ଼ିତ କରିଥିଲେ। ଏଇ କାରଣରୁ ରାଜସ୍ଥାନର ଅଧିବାସୀ ରାଜ୍ୟବ୍ୟାପୀ ଆଲୋକ ସଜ୍ଜାଇ ଦୀପାବଳି ପାଳନ୍ତି। ଦୀପାବଳି ଅମାବାସ୍ୟା ପୂର୍ବ ଦିନ ‘ନରକ ଚତୁର୍ଦ୍ଦଶୀ’। ଦକ୍ଷିଣ ଭାରତର ଅଧିବାସୀ ଏହି ଦିନଟିକୁ ବେଶ ଗୁରୁତ୍ୱ ଦେଇଥାଆନ୍ତି। ଇତିହାସ କୁହେ ଏକଦା ନରକାସୁରର ଅତ୍ୟାଚାରରେ ଦକ୍ଷିଣ ଭାରତର ଲୋକମାନେ ଅତିଷ୍ଠ ହୋଇ ଉଠିଥିଲେ। ନରକାସୁର ଅନ୍ତଃପୁରରେ ପ୍ରାୟ ଷୋହଳ ହଜାର ରମଣୀକୁ ବନ୍ଦୀ କରି ରଖିଥିଲା। ଲୋକେ ଶ୍ରୀକୃଷ୍ଣଙ୍କ ଶରଣାପନ୍ନ ହେଲେ ଏବଂ ଶ୍ରୀକୃଷ୍ଣ, ସତ୍ୟଭାମାଙ୍କ ସହାୟତାରେ ନରକାସୁରକୁ ବଧକରି ସେମାନଙ୍କୁ ଉଦ୍ଧାର କରିଥିଲେ। ଏହି କାହାଣୀକୁ ସ୍ମରଣ କରି ଲୋକେ ଅମାବାସ୍ୟାରେ ଦୀପ ଜଳାଇ କୃଷ୍ଣଙ୍କ ବିଜୟ ତିଥିକୁ ମନେ ରଖିଥାଆନ୍ତି। ମହାରାଷ୍ଟ୍ରରେ ବଳି ରାଜାଙ୍କୁ ସ୍ମରଣକରି ମରାଠୀମାନେ ଦୀପାବଳି ପାଳିଥାଆନ୍ତି। ବୌଦ୍ଧ ଧର୍ମାବଲମ୍ବୀମାନେ ଗୌତମ ବୁଦ୍ଧଙ୍କ ଗୃହତ୍ୟାଗ ଦିବସକୁ ସ୍ମରଣକରି ମୂଳତଃ ଦୀପାବଳି ଉତ୍ସବର ଆୟୋଜନ କରିଥାନ୍ତି। ସେମାନଙ୍କର ବିଶ୍ୱାସ, ଦୀପାବଳିର ଆଲୋକମାଳା ଭଳି ବୁଦ୍ଧଙ୍କ ବାଣୀ ବିଶ୍ୱରେ ସର୍ବତ୍ର ସହଜରେ ବିଚ୍ଛୁରିତ ହୋଇପାରିବ। ଜୈନ ଧର୍ମଗୁରୁ ତୀର୍ଥଙ୍କର ମହାବୀରଙ୍କର କାର୍ତ୍ତିକ ଅମାବାସ୍ୟା ରାତିରେ ମହାନିର୍ବାଣ ହୋଇଥିଲା। ସେହି ସମୟରେ ତାଙ୍କର ପ୍ରଧାନ ଶିଷ୍ୟମାନେ ପାଓ୍ୱାପୁରୀରେ ବ୍ୟାପକ ଆଲୋକ ଝଲମଲ ବ୍ୟବସ୍ଥା କରିଥିଲେ। କାର୍ତ୍ତିକ ମାସରେ ଅମୃତସର ସ୍ୱର୍ଣ୍ଣମନ୍ଦିର ଆଲୋକମାଳାରେ ସଜ୍ଜିତ ହୋଇଥାଏ। ସ୍ୱାମୀ ରାମତୀର୍ଥଙ୍କ ଜନ୍ମ ସନ୍ନ୍ୟାସଗ୍ରହଣ ଓ ମୃତ୍ୟୁ, କାର୍ତ୍ତିକ ଆମାବାସ୍ୟାରେ ହୋଇଥିବାରୁ ଶିଖମାନେ ଦୀପାବଳି ପାଳନ କରିଥାଆନ୍ତି। ଶିଖ ମାନଙ୍କ ପଞ୍ଚମ ଗୁରୁ ଅର୍ଜ୍ଜୁନ ସିଂ ଅମାବାସ୍ୟା ଦିନ ଅମୃତସର ଦରବାର ସାହେବ ଗୁରୁଦ୍ୱାରର ଭିତ୍ତି ପ୍ରସ୍ତର ସ୍ଥାପନ କରିଥିଲେ। ଶିଖମାନଙ୍କ ଷଷ୍ଠଗୁରୁ ହରଗୋବିନ୍ଦ ସିଂ ଜାହାଙ୍ଗୀରଙ୍କ ବିରୋଧରେ ସଶସ୍ତ୍ର ବିପ୍ଳବ ପାଇଁ ଆହ୍ୱାନ ଦେଇଥିଲେ। ଗୁରୁ ଓ ତାଙ୍କ ଅନୁଚରଙ୍କୁ ଗୋଓ୍ୱାଲିୟର ଦୁର୍ଗରେ ଜାହାଙ୍ଗୀର ବନ୍ଦୀ କରି ରଖିଥିଲେ। ଶିଖମାନଙ୍କ ପ୍ରତାପ ଓ ରାଜ୍ୟବ୍ୟାପୀ ବିପ୍ଳବ ଦେଖି ସମ୍ରାଟ ଜାହାଙ୍ଗୀର ସମସ୍ତଙ୍କୁ ଏହିଦିନ ମୁକ୍ତ କରିଥିଲେ। ହରଗୋବିନ୍ଦ ସିଂଙ୍କ ବିଜୟ ଉତ୍ସବ ଭାବେ ଏହି ଦିନଟି ପାଳନ କରାଯାଏ।

ଏହି ଆଲୋକ ସଜ୍ଜାର ଆୟୋଜନ କରି ମଣିଷ କାହିଁକି ଉତ୍ସବର ସାମିଲ ହେଲା ସେ ସଂକ୍ରାନ୍ତରେ ବିଜ୍ଞାନୀମାନଙ୍କ ଧାରଣା, ଆଦିମ ମଣିଷର ଭୂତପ୍ରେତ ଭୟ ଓ ଅନିଷ୍ଟକାରୀ ଶକ୍ତି ଭୟରୁ ରକ୍ଷା ପାଇବା ପାଇଁ ଆଲୋକ ଜଳାଉଥିଲେ। ପର୍ବପର୍ବାଣୀ ମାଧ୍ୟମରେ ଏହି ପ୍ରକ୍ରିୟାକୁ ସ୍ମରଣ କରିବା ନିମନ୍ତେ ଏପରି ଧାରା ପ୍ରଚଳିତ।

*ଜ୍ୟୋତି ବିହାର, ବିଡ଼ାନାସୀ, କଟକ, ଦୂରଭାଷ : ୭୯୭୮୮୪୧୭୪୧*

# ବଧୂ ହତ୍ୟା ଅଭିଯୁକ୍ତଙ୍କୁ ଧରୁନି ପୁଲିସ, ଏସପିଙ୍କୁ ଭେଟିଲେ ପରିବାର ଲୋକେ

କୋରେଇ, (ପିଏନ)-ଯାଜପୁର ଥାନା ଅନ୍ତର୍ଗତ ଧନିପୁର ଗ୍ରାମର ସରସ୍ୱତୀ ପାଣି ନାମକ ମହିଳାଙ୍କୁ ତାଙ୍କ ଶାଶୁଘର ପରିବାର ପକ୍ଷରୁ ଯୌତୁକ ଦାବିରେ କିରୋସିନି ଢାଳି ନିଆଁ ଲଗାଇଦେଇଥିଲେ । ଗତ ଅଗଷ୍ଟ ୨୮ ତାରିଖ ଏଭଳି କାଣ୍ଡ ଘଟିବା ପରେ ସରସ୍ୱତୀକୁ କଟକ ବଡ ମେଡିକାଲକୁ ସ୍ଥାନାନ୍ତରିତ କରାଯାଇଥିଲା । ଏନେଇ ଅଭିଯୋଗ ପରେ ପୁଲିସ ମାମଲା ରୁଜୁ କରି ସରସ୍ୱତୀର ସ୍ୱାମୀ ମାର୍କଣ୍ଡପୁର ଗ୍ରାମର ନରେନ୍ଦ୍ର ପାଣିଙ୍କ ପୁଅ ରବିନ୍ଦ୍ରକୁ ଗିରଫ କରିଥିଲା । ମାତ୍ର ଅନ୍ୟ ଅଭିଯୁକ୍ତ ଶାଶୁ ପ୍ରେମଲତା, ନଣନ୍ଦ ରୀନା ଓ ନଣନ୍ଦେଇ କାଦୁଆକୁ ପୁଲିସ ଗିରଫ କରିନାହିଁ । ପରବର୍ତ୍ତି ଅବସ୍ଥାରେ ଗତ ସେପ୍ଟେମ୍ବର ୪ ତାରିଖ ଚିକିତ୍ସିତ ଅବସ୍ଥାରେ ସରସ୍ୱତୀର ମୃତ୍ୟୁ ହୋଇଥିଲା । ମୃତ୍ୟୁ ପୂର୍ବରୁ ୪ଜଣ ମିଶି କିରୋସିନି ଢାଳି ନିଆଁ ଲଗାଇଥିବାର ବୟାନ ସରସ୍ୱତୀ ଦେଇଥିଲା । ହେଲେ ମୃତ୍ୟୁର ଅବଧି ୧୨ ଦିନ ବିତିଯାଇଥିଲେ ମଧ୍ୟ ଏହି ହତ୍ୟାକାଣ୍ଡରେ ସମ୍ପୃକ୍ତ ଅଭିଯୁକ୍ତ ମାନଙ୍କୁ ପୁଲିସ ଗିରଫ କରୁନାହିଁ। କେବଳ ମାମଲା ରୁଜୁ କରି ଜଣଙ୍କୁ ଗିରଫ କରିଥିବା ବେଳେ ଅନ୍ୟ ଅଭିଯୁକ୍ତ ମାନେ ଖୁଲମଖୁଲା ବୁଲୁଛନ୍ତି । ମୃତ ସରସ୍ୱତୀକୁ ନ୍ୟାୟ ଦେବା ପାଇଁ ପରିବାର ପକ୍ଷରୁ ଏସପିଙ୍କୁ ଗୁହାରୀ କରାଯାଇଛି ।

# ବାଙ୍ଗିରିପୋଷିରେ ଅଟୋକୁ ଟ୍ରକ ପଛରୁ ଧକ୍କା ଦେଲା, ୨ ମୃତ, ୧୦ ଗୁରୁତର

ବାରିପଦା, (ପିଏନ)- ମୟୂରଭଞ୍ଜ ଜିଲ୍ଲା ୪୯ ନମ୍ବର ଜାତୀୟ ରାଜପଥର ବାଙ୍ଗିରିପୋଷି ଦ୍ୱାରଶୁଣି ଘାଟିରେ ଆଜି ପୂର୍ବାହ୍ନରେ ମର୍ମନ୍ତୁଦ ଦୁର୍ଘଟଣା ଘଟିଛି। ଏକ ଅଟୋକୁ ପଛ ପଟୁ ଧକ୍କା ଦେଇ ଟ୍ରକ୍ ଓଲଟିବାରୁ ଘଟଣାସ୍ଥଳରେ ୨ ଜଣଙ୍କ ମୃତ୍ୟୁ ହୋଇଛି । ମୃତକଙ୍କ ମଧ୍ୟରେ ଜଣେ ସ୍କୁଲ ଛାତ୍ର ଓ ଅନ୍ୟ ଜଣେ ଅଭିଭାବକ ଥିବା ସୂଚନା ମିଳିଛି ।ସୂଚନାଯୋଗ୍ୟ, ଆଜି ସକାଳେ ମଧ୍ୟାହ୍ନ ଭୋଜନ ଚାଉଳ ଆଣିବାକୁ ବିଶୋଇ ବ୍ଲକର ଦୋପଚା ଗାଁରୁ ଶୁଳିଆପଦା ଅଭିମୁଖେ ଏକ ଅଟୋରେ ୧୨ ଜଣ ଯାତ୍ରୀ ଯାଉଥିଲେ। ସେମାନଙ୍କ ମଧ୍ୟରେ ୪ ଜଣ ମହିଳା, ୪ ଜଣ ପୁରୁଷ ଓ ୪ ଜଣ ୧୦ରୁ ୧୨ ବର୍ଷ ମଧ୍ୟରେ ପିଲା ଥିଲେ। ସେମାନେ ନିଜ ଗାଁରୁ ପ୍ରାୟ ୨୦ କିଲୋମିଟର ଆସିବା ପରେ ବାଙ୍ଗିରିପୋଷି ଘାଟିରେ ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲେ ।ଅଟୋଟି ବାଙ୍ଗିରିପୋଷି ଘାଟିରେ ଓହ୍ଲାଉଥିବା ବେଳେ ଦ୍ରୁତ ଗତିରେ ଆସୁଥିବା ଏକ ଟ୍ରକ୍ ଅଟୋକୁ ପଛ ପଟୁ ପିଟି କିଛି ଦୂରକୁ ଘୋଷାରି ନେଇଥିଲା। ଏହାପରେ ଟ୍ରକଟି ଭାରସାମ୍ୟ ହରାଇ ରାସ୍ତା ପାର୍ଶ୍ୱକୁ ଓଲଟି ପଡ଼ିଥିବା ବେଳେ ଅଟୋରେ ଥିବା ଯାତ୍ରୀଙ୍କ ମଧ୍ୟରୁ ଘଟଣାସ୍ଥଳରେ ୨ ଜଣଙ୍କ ମୃତ୍ୟୁ ହୋଇଥିଲା। ମୃତକଙ୍କ ମଧ୍ୟରେ ଜଣେ ପିଲା ଓ ଜଣେ ପୁରୁଷ ଅଛନ୍ତି। ଖବର ପାଇ ବାଙ୍ଗିରିପୋଷି ପୁଲିସ୍ ଓ ଅଗ୍ନିଶମ ବାହିନୀ କର୍ମଚାରୀ ଘଟଣାସ୍ଥଳରେ ପହଂଚି ତୁରନ୍ତ ଅନ୍ୟ ଆହତମାନଙ୍କୁ ବାଙ୍ଗିରିପୋଷି ମେଡିକାଲରେ ଭର୍ତ୍ତି କରିଥିଲେ। ସେଠାରେ ପ୍ରାଥମିକ ଚିକିତ୍ସା ପରେ ସେମାନଙ୍କୁ ବାରିପଦା ପିଆରଏମ ମେଡିକାଲକୁ ପଠାଇ ଦେଇଛି। ଦୁର୍ଘଟଣା ଘଟାଇ ଟ୍ରକ୍ ଡ୍ରାଇଭର ଓ ହେଲପର ଟ୍ରକ ଛାଡି ଫେରାର ହୋଇଯାଇଥିବା ଜଣାଯାଇଛି।

# କନ୍ଧମାଳ ଜିଲ୍ଲାର ଖଜୁରିପଡାରେ ମା ଗୃହ ଉଦଘାଟିତ

କନ୍ଧମାଳ,(ପିଏନ)- କନ୍ଧମାଳ ଜିଲ୍ଲା ବାଲିଗୁଡାର ସ୍ୱେଚ୍ଛାସେବୀ ଅନୁଷ୍ଠାନ ବନବାସୀ ସେବା ସମିତିର ପରିଚାଳନାରେ ଏବଂ ଜାତୀୟ ସ୍ୱାସ୍ଥ୍ୟ ମିଶନ କନ୍ଧମାଳ ସହାୟତାରେ ଏକ ନୂତନ ମା ଗୃହ କନ୍ଧମାଳ ଜିଲ୍ଲାର ଖଜୁରିପଡାଠାରେ ଉଦଘାଟିତ ହୋଇଯାଇଛି । ଏହି ଏଦଘାଟନୀ କାର୍ଯ୍ୟକ୍ରମ କୋଭିଡ ନିୟମ ଅନୁସାରେ ଆୟୋଜିତ ହୋଇଥିଲା। କାର୍ଯ୍ୟକ୍ରମର ମୁଖ୍ୟ ଅତିଥି ଭାବରେ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ଶ୍ରୀମତୀ ମନସ୍ୱିନି ମିଶ୍ର ଯୋଗ ଦେଇ ଏହାର ଶୁଭ ଉଦଘାଟନ କରିଥିଲେ । ଏହି ଅବସରରେ ଜାତୀୟ ସ୍ୱାସ୍ଥ୍ୟ ମିଶନ କନ୍ଧମାଳର କାର୍ଯ୍ୟକ୍ରମ ପରିଚାଳକ ମନରଞ୍ଜନ ସାହୁ,ଖଜୁରିପଡାର ଡା.ନିମାଇଁ ଚରଣ ବିଶି,ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ରଶ୍ମିତା କରଣ,ଖଜୁରିପଡା ସମନ୍ୱିତ ଶିଶୁ ବିକାଶ ଅଧିକାରୀଣୀ ଗୀତାରାଣୀ ପଣ୍ଡା,ବନବାସୀ ଅନୁଷ୍ଠାନର ସମ୍ପାଦକ ଉତ୍ସବଚନ୍ଦ୍ର ଜେନା,ସହ-ସମ୍ପାଦକ ରବିନ୍ଦ୍ର କୁମାର ପଣ୍ଡା,ଚାଇଲ୍ଡଲାଇନର ସମସ୍ତ କର୍ମକର୍ତ୍ତା ଓ ସଦସ୍ୟ ମାନେ ,ସଖିର ସଦସ୍ୟା ଓ ମା ଗୃହର ସମସ୍ତ କର୍ମକର୍ତ୍ତାଙ୍କ ସମେତ ଅଂଚଳର ଲୋକମାନେ ଉପସ୍ଥିତ ଥିଲେ । ଏଠାରେ ଏହି ବ୍ଲକରେ ଥିବା ଦୁର୍ଗମ ଅଂଚଳର ଗର୍ଭବତୀ ମା ମାନେ ସେମାନଙ୍କର ପ୍ରସବ ପୁର୍ବରୁ ସେଠାରେ ଆସି ରହିବା ସହିତ ସେମାନଙ୍କୁ ଆବଶ୍ୟକୀୟ ଚିକିତ୍ସା ମାଗଣାରେ ପ୍ରଦାନ କରାଯିବା ସହିତ ସେମାନେ କିପରି ସୁସ୍ଥ ମାନସିକତାରେ ରହି ସଠିକ୍ ଭାବରେ ପ୍ରସବ କରି ପାରିବେ ସେଥିପାଇଁ ସେମାନଙ୍କ ପାଇଁ ପୌଷ୍ଟିକ ଖାଦ୍ୟପେୟ ସହିତ ମନରଞ୍ଜନ ପାଇଁ ମଧ୍ୟ ଆବଶ୍ୟକୀୟ ବ୍ୟବସ୍ଥା କରାଯାଇ ଥିବା ନେଇ ବନବାସୀ ଆନୁଷ୍ଠାନର ସହ-ସମ୍ପାଦକ ରବିନ୍ଦ୍ର କୁମାର ପଣ୍ଡା ସୁଚନା ଦେଇଛନ୍ତି ।

# ଶିକ୍ଷା ସମେତ ବିଭିନ୍ନ ବିକାଶ ଦିଗରେ ସଚେତନତାର କାର୍ଯ୍ୟକ୍ରମ

କନ୍ଧମାଳ,(ପିଏନ)-କନ୍ଧମାଳ ଜିଲ୍ଲାର ଅଗ୍ରଣୀ ଅନୁଷ୍ଠାନ ଗୁଡ୍ ସୁମରିଟାନ୍ ଓ ଅନ୍ତରଙ୍ଗ କନ୍ଧମାଳ ପକ୍ଷରୁ ପୋଷଣ ଅଭିଯାନ ଓ କରୋନା ସଚେତନତା କାର୍ଯ୍ୟକ୍ରମ ଚକାପାଦ ବ୍ଲକର ନନ୍ଦିନୀ, ପସରା, ବରପଲ୍ଲୀ ଓ ଘୁ ଉଦୟଗିରି ବ୍ଲକର କଡିକାଡୁ ଗ୍ରାମରେ କରୋନା ଭୁତାଣୁ ସଂକ୍ରମଣ ରୋଗର ସଚେତନତା ଓ ସର୍ତକତାର ବାର୍ତା ପହଂଚାଇବା ସହ ୭୦୦ ଶହରୁ ଅଧିକା ମାସ୍କ ବଂଟନ କରିବା ସହ ବ୍ୟବହାର କରିବା କୋଭିଡ ନିୟମକୁ ପାଳନ ପାଇଁ ପର୍ବତାଇବ.ଶିଶୁ ଶିକ୍ଷାକୁ ଉତ୍ସାହିତ କରିବା,ବାଲ୍ୟ ବିବାହ ବନ୍ଦ କରିବା ପାଇଁ “ବାଲ୍ୟ ବିବାହକୁ ନା କହିବା ଓ ପାଠ ପଢ଼ାକୁ ହଁ କହିବା”ନାରା ଦେଇଛନ୍ତି ଗାଁର କିଶୋର କିଶୋରୀ ମାନେ ଓ ଗାଁ ଲୋକମାନେ । ମହାମାରୀ ସମୟରେ ନିଜନିଜକୁ ସତର୍କ କରି ସୁରକ୍ଷିତ ରହିଲେ ନିଜ ପରିବାର ସୁରକ୍ଷିତ ରହିବ ଓ ନିଜ ଅଂଚଳ ସୁରକ୍ଷିତ ହେବା ସହ ଗାଁରେ କୌଣସି ବ୍ୟକ୍ତି କରୋନା ରୋଗରେ ଆକ୍ରାନ୍ତ ହେବେ ନାହିଁ ଓ ଏହି ସମୟରେ ଛୋଟ ଛୋଟ ଶିଶୁ ମାନଙ୍କୁ ଓ କିଶୋର କିଶୋରୀ ଓ ଗର୍ଭବତୀ ମହିଳାଙ୍କ ପାଇଁ ପୋଷକ ତତ୍ତ୍ୱର ଅଭାବ ଦେଖାଯାଇଥିବାର ସୁଚନା ଅନୁମାନ କରାଯାଇଛି ।ଯାହ ପାଇଁ ଆମକୁ ସାବଧାନତା ଅବଲମ୍ବନ କରି ପୋଷକ ତତ୍ତ୍ୱର ଖାଦ୍ୟ ପଦାର୍ଥ ଖାଇବା ଆବଶ୍ୟକତା ରହିଛି ବୋଲି ଅନ୍ତରଙ୍ଗ ଯୁବ ମାହାସଂଘର ସମ୍ପାଦକ ହୃଷିକେଶ ପ୍ରଧାନ ବୁଝେଇଥିଲେ ।ମହାମାରୀ ପାଇଁ ସ୍କୁଲ କଲେଜ ଗୁଡିକ ବନ୍ଦ ରହିଥିବା ଫଳରେ ଛାତ୍ରଛାତ୍ରୀ ମାନଙ୍କ ପାଠପଢ଼ାରେ ବ୍ୟାଘାତ ସୃଷ୍ଟି ହେଉଛି ।ଏହାର ସମାଧାନ ଆମ ନିଜ ପାଖରେ ଅଛି ।ଯାହାକି ନିଜେ ପାଠ ପଢ଼ିବା ଅଭ୍ୟାସ ରଖିବାକୁ ପଡିବ ଓ ଆଗାମୀ ଦିନରେ ମଧ୍ୟ ପଢ଼ିବା ପାଇଁ ଅନ୍ୟ ଭାଇଭଉଣୀଙ୍କୁ ମଧ୍ୟ ପ୍ରବର୍ତାଇବା ଉଚିତ ବୋଲି ବାଲ୍ୟ ବିବାହ ପ୍ରତିରୋଧ ମଂଚର ସମ୍ପାଦିକା ବିଷ୍ଣୁ ପ୍ରିୟା ପ୍ରଧାନ କହିଛନ୍ତ ।

## ଆଶାସାଥି ସଂଘ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର

କେନ୍ଦ୍ରାପଡା,(ପିଏନ)-ଭାରତୀୟ ମଜଦୁର ସଂଘ ସଂଲଗ୍ନ ରାଜ୍ୟ ଆଶାସାଥି ସଂଘ କେନ୍ଦ୍ରାପଡା ଜିଲ୍ଲା ଶାଖା ପକ୍ଷରୁ ୮ଦଫା ଦାବି ପୂରଣ ପାଇଁ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର ଜିଲ୍ଲାପାଳଙ୍କ ଜରିଆରେ ପ୍ରଦାନ କରାଯାଇଛି । ଭାରତୀୟ ମଜଦୁର ସଂଘର ଜିଲ୍ଲା ସଭାପତି ପ୍ରଭାତ ପାଣି, ସଂପାଦକ ପ୍ରଶାନ୍ତ କୁମାର ତ୍ରିପାଠୀ ଓ ଅରୁଣ କୁମାର ସିଂହଙ୍କ ସମେତ ଆଶାସାଥି ସଭାପତି ମଞ୍ଜୁଲତା ସାମଲ, ସଂପାଦିକା ରାଜଲକ୍ଷ୍ମୀ ସୁତାର, ମଧୁସ୍ମିତା ଓଝା, ସୁଜାତା ରାଉତ ଓ ମନୋରମା ମହାପାତ୍ର ପ୍ରମୁଖ ଜିଲ୍ଲାପାଳ ସମର୍ଥ ବର୍ମାଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି ।

ଦାବି ଗୁଡିକ ମଧ୍ୟରୁ ଆଶାସାଥି ମାନଙ୍କୁ ସରକାରୀ ମାନ୍ୟତା ପ୍ରଦାନ, କେନ୍ଦ୍ର ସରକାରଙ୍କ ଘୋଷଣା ଅନୁଯାୟୀ ମାସିକ ୬ ହଜାର ଟଙ୍କା ପ୍ରଦାନ, ସାଥି ମାନଙ୍କ ପାଇଁ ଡ୍ରେସ୍ କୋଡ ଲାଗୁ କରିବା, ଦକ୍ଷତା ବୃଦ୍ଧି ପାଇଁ ତାଲିମ ଦେବା, ଆଶାସାଥି ମାନଙ୍କୁ ବୀମା ଭୁକ୍ତ କରି ମୃତ୍ୟୁକାଳୀନ ସହାୟତା ପ୍ରଦାନ କରିବା, ପ୍ରଧାନମନ୍ତ୍ରୀ ଜୀବନ ଜ୍ୟୋତି ଯୋଜନା ଓ ପ୍ରଧାନମନ୍ତ୍ରୀ ସୁରକ୍ଷା ବୀମା ଯୋଜନା ଲାଗୁ କରିବା, ଆୟୁଷ୍ମାନ ଭାରତ ଚିକିତ୍ସା ବୀମାରେ ଆଶାସାଥିଙ୍କୁ ଅନ୍ତର୍ଭୁକ୍ତ କରିବା ଓ କୋଭିଡ-୧୯ ଯୋଦ୍ଧା ଭାବେ ଏମାନଙ୍କୁ ପ୍ରୋତ୍ସାହନ ରାଶି ଓ ସୁରକ୍ଷା ପ୍ରଦାନ କରିବା ଆଦି ପ୍ରମୁଖ ଦାବି ରହିଛି ।

## ସ୍କର୍ପିଓ ଧକ୍କାରେ ଦୁଇ ସ୍କୁଟି ଆରୋହୀ ଆହତ

କୋରେଇ,(ପିଏନ)- ପାଣିକୋଇଲି ଥାନା ଅନ୍ତର୍ଗତ ୨୦ ନମ୍ବର ଜାତୀୟ ରାଜପଥର ତୁଳସୀ ପେଟ୍ରୋଲ ପମ୍ପ ନିକଟରେ ଭୁବନେଶ୍ୱରରୁ ନିଜଗ୍ରାମ କେଉଁଝର ଜିଲ୍ଲା ପାଟଣା ଥାନା ଅନ୍ତର୍ଗତ ବାଇଁଶିରା ଗ୍ରାମକୁ ଏକ ସ୍କୁଟି( ଓଡ଼ି୩୩କେ୨୭୭୭)ରେ ଯାଉଥିବା ଦାମୁ ଚମ୍ପିଆଙ୍କ ଦୁଇ ପୁଅ କେଦାର ଓ କୀର୍ତନଙ୍କୁ ଏକ ଦ୍ରୁତଗାମୀ ସ୍କର୍ପିଓ ସାଇଡ଼ ମାରିଦେବାରୁ ଦୁଇ ଭାଇ ରାସ୍ତା ଡ଼ିଭାଇଡ଼ର ଉପରେ ପଡ଼ି ଆହତ ହୋଇଥିଲେ ।

# ବାଲିଘାଟ ନିଲାମ ବନ୍ଦ ପାଇଁ ହାଇକୋର୍ଟରେ ମାମଲା

କୋରେଇ, (ପିଏନ)- ଯାଜପୁର ଜିଲ୍ଲା କୋରାଇ ବ୍ଲକ ମୂଳାପାଳ ପଂଚାୟତ ଅନ୍ତର୍ଗତ ରଣପାଳ ଓ ଧନତ୍ରୀ ମୌଜାର ବୈତରଣୀ ନଦୀରେ ବାଲିଘାଟ ନିଲାମ ପାଇଁ ରାଜସ୍ୱ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଥିଲା । ରଣପାଳ ଓ ଧନତ୍ରୀ ବାଲିଘାଟ ନିଲାମ ନକରିବାକୁ ଗ୍ରାମବାସୀଙ୍କ ପକ୍ଷରୁ ଜିଲ୍ଲାପାଳଙ୍କ ଠାରୁ ଆରମ୍ଭ କରି ତହସିଲଦାରଙ୍କ ପର୍ଯ୍ୟନ୍ତ ସମସ୍ତଙ୍କୁ ପତ୍ର ମାଧ୍ୟମରେ ଜଣାଇ ଦିଆଯାଇଥିଲା । ପରେ ଦୁଇ ରଣପାଳ ଓ ଧନତ୍ରୀ ବାଲିଘାଟ ନିଲାମ ବନ୍ଦ କରିବା ନେଇ ଗ୍ରାମବାସୀ ହାଇକୋର୍ଟର ଦ୍ୱାରସ୍ଥ ହୋଇଥିଲେ । ଏନେଇ ଡବ୍ଲୁ. ପି. (ସି) ୨୨୭୨୫ରେ ମାମଲା ରୁଜୁ କରାଯାଇଛି । ବୈତରଣୀ ନଦୀର ଏହି ବାଲିଘାଟ ନିଲାମ ଦ୍ୱାରା ନଦୀବନ୍ଧ ପ୍ରତି ବିପଦ ସହ ବନ୍ୟାପ୍ଳାବିତ ଏହି ପଂଚାୟତର କ୍ଷିରୋ, ସରସଦା ଧନତ୍ରୀ, ଗୋବିନ୍ଦପୁର, ରଣପାଳ ସମେତ ଅନେକ ଗ୍ରାମ କ୍ଷତିଗ୍ରସ୍ତ ହେବାର ସମ୍ଭାବନା ସୃଷ୍ଟି ହୋଇଛି । ତେଣୁ ବିପଦ ଦୃଷ୍ଟିରୁ ଏହି ନିଲାମ ବନ୍ଦ କରିବାକୁ ଅଭିଯୋଗରେ ଦର୍ଶାଯାଇଛି । ଏହା ସହିତ ନଦୀ ପଠାରେ ଥିବା ବିଭିନ୍ନ ଦେବାଦେବୀ ମନ୍ଦିର କ୍ଷତିଗ୍ରସ୍ତ ହେବ ।

ଏନେଇ ରଣପାଳ ଗ୍ରାମର କିଶୋର ଚନ୍ଦ୍ର ପାଳ, କାର୍ତିକ ଚନ୍ଦ୍ର ପଣ୍ଡା, ଅଭିମନ୍ୟୁ ପାଳ, ଉପେନ୍ଦ୍ର ବେହେରା, ପ୍ରତାପ ମଲ୍ଲିକ, ଦୁର୍ଗାପ୍ରସାଦ ପଣ୍ଡା ପ୍ରମୁଖ ଓଡିଶା ସରକାର ପଂଚାୟତରାଜ ପ୍ରିନିସପାଲ ସେକ୍ରେଟାରୀ, ରାଜସ୍ୱ ଓ ପ୍ରାକୃତିକ ବିପର୍ଯ୍ୟୟ ପ୍ରିନିସିପାଲ ସେକ୍ରେଟାରୀ, କଲେକ୍ଟର ଯାଜପୁର, ସବକଲେକ୍ଟର ଯାଜପୁର ଓ ତହସିଲଦାରଙ୍କୁ ପକ୍ଷଭୁକ୍ତ କରାଯାଇ ହାଇକୋର୍ଟରେ ମାମଲା ରୁଜୁ କରିଛନ୍ତି । ପରବର୍ତି ଶୁଣାଣୀ ପର୍ଯ୍ୟନ୍ତ ନିଲାମ ବନ୍ଦ କରିବାକୁ ହାଇକୋର୍ଟ ଜିଲ୍ଲାପାଳ ଯାଜପୁରଙ୍କୁ ଅବଗତ କରିଛନ୍ତି ।

# ମୃତ ଏବଂ ଅବସରପ୍ରାପ୍ତ ଶିକ୍ଷକଙ୍କୁ ପଦୋନ୍ନତି

କଣାସ, (ପିଏନ)- ରାଜ୍ୟ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକଙ୍କ ପକ୍ଷରୁ ହାଇସ୍କୁଲ ଶିକ୍ଷକମାନଙ୍କର ପଦୋନ୍ନତି ସମ୍ପର୍କିତ ସରକାରୀ ତାଲିକା ପ୍ରକାଶ ପାଇଛି । କିନ୍ତୁ ଏହି ତାଲିକାର ସଠିକତା ନେଇ ବୁଦ୍ଧିଜୀବି ମହଲରେ ପ୍ରଶ୍ନବାଚୀ ସୃଷ୍ଟି କରିଛି । କାରଣ ଏହି ତାଲିକାରେ କଣାସ ବ୍ଲକରୁ ଜଣେ ଶିକ୍ଷକଙ୍କ ମୃତ୍ୟୁ ହୋଇଯାଇଥିବା ବେଳେ ଅନ୍ୟ ଜଣେ ୯ ମାସ ହେଲା ଅବସର ନେଇଯାଇଥିବା ବେଳେ ସେମାନଙ୍କୁ ପଦୋଉନ୍ନତି ଦିଆଯାଇଥିବା ଜଣାପଡିଛି । ରାଜ୍ୟ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ ପକ୍ଷରୁ ଚିଠି ନଂ-୧୯୦୭୦ ତାରିଖ ୧୧.୦୯.୨୦୨୦ରିଖରେ ପୁରୀ ଜିଲ୍ଲାର ୯୨ ଜଣ କନିଷ୍ଠ ବର୍ଗ ଶିକ୍ଷକ ଶିକ୍ଷୟତ୍ରୀଙ୍କୁ ପଦୋନ୍ନତି ମିଳିଛି । ଉପୋଉନ୍ନତି ସାଙ୍ଗକୁ ସେମାନଙ୍କୁ ସେହି ବିଦ୍ୟାଳୟ ଅଥବା ଅନ୍ୟ ବିଦ୍ୟାଳୟରେ ପ୍ରଧାନ ଶିକ୍ଷକ ଭାବେ ନିଯୁକ୍ତି ପ୍ରଦାନ କରାଯାଇଛି । କିନ୍ତୁ, ଏହି ତାଲିକାର କ୍ରମିକ ନଂ-୫୮ରେ ଥିବା ଜମ୍ମେଶ୍ୱର ସାମନ୍ତରାୟ ଗଡସାନପୁଟ ହାଇ ସ୍କୁଲରୁ ଗତ ଜାନୁଆରି ମାସରେ ଅବସର ନେଇଯାଇଥିବା ବେଳେ ସେହି ତାଲିକାର କ୍ରମିକ ନଂ-୬୧ରେ ଥିବା କାଦୁଆଖାଟ ଏକାଡେମୀର ରମେଶ ଚନ୍ଦ୍ର ମିଶ୍ର ଗତ ବର୍ଷ ମଇ ମାସରେ ଆରପାରିକୁ ଚାଲିଗଲେଣି । ଅବସର ନେବା ୮ମାସ ଅଥବା ମୃତର ଦେଢ ବର୍ଷପରେ ସରକାରୀ ନିର୍ଦ୍ଦେଶାନାମା ଅନୁଯାୟୀ ମୃତ ଏବଂ ଅବସରପ୍ରାପ୍ତ ଶିକ୍ଷକଦ୍ୱୟ କିପରି ଦାୟିତ୍ୱ ଗ୍ରହଣ କରିବେ ଏହାକୁ ହିଁ ବୁଦ୍ଧିଜୀବିମାନେ ଅପେକ୍ଷା କରିରହିଛନ୍ତି ।

# ମହିଳା ସାଥି ନିଯୁକ୍ତି ବାତିଲ୍ ନହେଲେ ଆନ୍ଦୋଳନ କରିବେ ଗାଁ ସାଥି

କେନ୍ଦ୍ରାପଡା, (ପିଏନ)- ନିଖିଳ ଓଡିଶା ଗାଁ ସାଥି ସଂଘ କେନ୍ଦ୍ରାପଡା ଶାଖା ପକ୍ଷରୁ ମହିଳା ସାଥି ନିଯୁକ୍ତି ବାତିଲ୍ ପାଇଁ ଦାବି କରାଯାଇଛି । ନିଯୁକ୍ତି ବାତିଲ୍ କରା ନଗଲେ ଚଳିତ ମାସ ୧୮ ତାରିଖରେ ଜିଲ୍ଲାପାଳ ଜିଲ୍ଲା କାର୍ଯ୍ୟାଳୟ ସମ୍ମୁଖରେ ସତ୍ୟାଗ୍ରହ କରାଯିବ ବୋଲି ଜିଲ୍ଲା କମିଟି କର୍ମକର୍ତା ମାନେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକ ପତ୍ର କେନ୍ଦ୍ରାପଡା ଜିଲ୍ଲାପାଳଙ୍କୁ ପ୍ରଦାନ କରିଛନ୍ତି । ସ୍ମାରକପତ୍ରର ଦାବି ମୁତାବକ ଏମ ନରେଗା କାର୍ଯ୍ୟ ପରିଚାଳନା ପାଇଁ ରାଜ୍ୟ ସରକାର ପ୍ରତ୍ୟେକ ରାଜସ୍ୱ ଗ୍ରାମରେ ଦୁଇ ଜଣ ଉଚ୍ଚ ଶିକ୍ଷିତ ଗାଁ ସାଥିଙ୍କୁ ନିଯୁକ୍ତି ଦେଇଥିଲେ । ଚୁକ୍ତି ମୁତାବକ ସେମାନଙ୍କୁ ଥଇଥାନ କରା ନଯାଉଣୁ ପୁନର୍ବାର ପ୍ରତ୍ୟେକ ଗ୍ରାମରେ ଦୁଇଜଣ ମହିଳାଙ୍କୁ ନିଯୁକ୍ତି ଦେବାପାଇଁ ବିଜ୍ଞାପନ ବାହାର କରାଯାଇଛି । ଏହାକୁ ତୁରନ୍ତ ପ୍ରତ୍ୟାହର କରିବା ପୂର୍ବରୁ ଥିବା ଗାଁ ସାଥି ମାନଙ୍କୁ ତାଲିମ୍ ପ୍ରଦାନ କରି ଖାଲିଥିବା ସରକାରୀ ଚାକିରୀରେ ନିଯୁକ୍ତି ଥିବା, ପ୍ରତ୍ୟେକ ଗ୍ରାମରେ ପ୍ରବାସୀ ଶ୍ରମିକ ଓ ବେକାର ଯୁବକ ଯୁବତୀଙ୍କୁ ୨୦୦ ଦିନର କାମ ଯୋଗାଇ ଦେବା ପ୍ରଭୃତି ୫ ଦଫା ଦାବିପତ୍ର ଅତିରିକ୍ତ ଜିଲ୍ଲାପାଳ ବସନ୍ତ କୁମାର ରାଉତଙ୍କୁ ପ୍ରଦାନ କରାଯାଇଛି । ସଂଘର ଉପଦେଷ୍ଟା ଆଇନଜୀବି ରମଣୀ ରଞ୍ଜନ ରାଉତରାୟ, ସଭାପତି ପ୍ରମିଳା ସାମଲ, କ୍ଷିରୋଦ କୁମାର ଖଟୁଆ, ନିତ୍ୟ ସୁନ୍ଦର ଜେନା, ଉପେନ୍ଦ୍ର ସାହୁ, ମୁକୁନ୍ଦ ମହାପାତ୍ର, ରବିନ୍ଦ୍ର ରାଉତ ପ୍ରମୁଖ ଦାବିପତ୍ର ପ୍ରଦାନ ବେଳେ ଉପସ୍ଥିତ ଥିଲେ ।

୨୬ତମ ପ୍ରତିଷ୍ଠା ଦିବସ ସମାରୋହ

ଖେଳ

ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବର କାଗଜ

# ପର୍ଯ୍ୟବେକ୍ଷକ

Bhubaneswar Thursday October 31 | ଭୁବନେଶ୍ୱର ଗୁରୁବାର, ଅକ୍ଟୋବର ୩୧,୨୦୨୪ | Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 | www.paryabekhyak.com

## କଳିଙ୍ଗ ବାଲିଯାତ୍ରା ନିମନ୍ତେ ଭୂମିପୂଜନ ଅନୁଷ୍ଠିତ



ପାରାଦୀପ,(ପି.ଏନ): ନଭେମ୍ବର ମାସ ୧୪ ତାରିଖରୁ ଆଠ ଦିନ ବ୍ୟାପି ପାରାଦୀପ ସମୁଦ୍ର ବେଳାଭୂମିରେ ଅନୁଷ୍ଠିତ ହେବାକୁ ଯାଉଛି କଳିଙ୍ଗ ବାଲିଯାତ୍ରା ମହୋତ୍ସବ । ଏହି ଉପଲକ୍ଷେ ବୁଧବାର ଦିନ ପୂର୍ବାହ୍ନରେ ବିଜୁ ମଇଦାନରେ ଭୂମି ପୂଜନ କାର୍ଯ୍ୟ ଅନୁଷ୍ଠିତ ହୋଇଥିଲା । ଏହି ଭୂମିପୂଜନ କାର୍ଯ୍ୟକ୍ରମରେ ପାରାଦୀପ ଅତିରିକ୍ତ ଜିଲ୍ଲାପାଳ ନିରଂଜନ ବେହେରା, ନଗରପାଳ ବସ‘ ବିଶ୍ୱାଳଙ୍କ ସମେତ ବାଲିଯାତ୍ରା କମିଟିର ସଦସ୍ୟମାନେ ଉପସ୍ଥିତ ଥିଲେ । ଚଳିତ ବର୍ଷ ବାଲିଯାତ୍ରା ମହୋତ୍ସବରେ ରାଜ୍ୟ ତଥା ରାଜ୍ୟ ବାହାରର କଳାକାରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଶଣ କରିବେ । ଏଥି ସହିତ ଓଡିଶାର ଲୋକକଳା ଓ ସ୍ଥାନୀୟ କଳାକାରମାନଙ୍କୁ ଅଗ୍ରାଧିକାର ଦିଆଯିବ । ଚଳିତ ବର୍ଷ ୧୫୦୦ ଷ୍ଟଲ୍‌ର ବ୍ୟବସ୍ଥା କରାଯାଉଛି । ଯେଉଁଥିରେ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ ଦ୍ୱାରା ପ୍ରସ୍ତୁତ ସାମଗ୍ରୀ, ବାହାର ଜିଲ୍ଲାର ପାରମ୍ପରିକ ସାମଗ୍ରୀ ସହିତ ହସ୍ତତ‘ ସାମଗ୍ରୀର ଷ୍ଟଲ ଖୋଲାଯିବ । ବାଲିଯାତ୍ରା ପଡିଆକୁ ସିସିଟିଭି ନଜରରେ ରଖାଯିବା ସହିତ ୧୬ ପ୍ଲାଟୁନ୍ ପୋଲିସ୍ ମୁତୟନ କରାଯିବ । ଭୂମିପୂଜନ କାର୍ଯ୍ୟକ୍ରମ ସରିବା ପରେ ବୁଧବାର ଠାରୁ ବାଲିଯାତ୍ରା ପଡିଆରେ ଷ୍ଟଲ ତିଆରି କାର୍ଯ୍ୟ ଆରମ୍ଭ ହୋଇଛି ।

## ଅଭିନବ ଉପାୟରେ ଦୀପାବଳି ପାଳନର ବାର୍ତ୍ତା ଦେଲେ ସ୍ୱେଚ୍ଛାସେବୀ




ଭୁବନେଶ୍ୱର,(ପି.ଏନ): ସାମାଜିକ ଅନୁଷ୍ଠାନ ‘ଇଣ୍ଡିଆ କ୍ଲିନ୍ ଏୟାର ନେଟ୍‌ୱାର୍କ’ ଓ ‘ୟୁଥ୍ ଫର ଭଲ୍ୟୁଣ୍ଟାରୀ ୱାର୍କ’ ତରଫରୁ ଏକ ଅଭିନବ ଉପାୟରେ ଦୀପାବଳୀ ପାଳନ କରିବାର ବାର୍ତ୍ତା ପ୍ରଦାନ କରିଛନ୍ତି । ‘ୟୁଥ୍ ଫର ଭଲ୍ୟୁଣ୍ଟାରୀ ୱାର୍କ’ ସର୍ବଦା ପରିବେଶ ସୁରକ୍ଷା ପ୍ରତି କାର୍ଯ୍ୟକ୍ରମଗୁଡ଼ିକ କରିଆସୁଛନ୍ତି । ଏହାକୁ ବଜାୟ ରଖି ଆଜି ଅନୁଷ୍ଠାନର ସ୍ୱେଚ୍ଛାସେବୀମାନେ ପରିବେଶ ସୁରକ୍ଷା ପାଇଁ ଆଲୋକରେ ସୁସଜ୍ଜିତ ସାଇକେଲ୍ ଭୁବନେଶ୍ୱରସ୍ଥିତ ଶିଶୁଭବନ ଛକରୁ ମାଷ୍ଟରକ୍ୟାଣ୍ଟିନ୍ ପର୍ଯ୍ୟନ୍ତ ଯାତ୍ରା କରିଥିଲେ । ଆତସବାଜୀ ମୁକ୍ତ ଓ ପରିବେଶ ଅନୁକୂଳ ଦୀପାବଳୀ ପାଳନ ଏହି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଥିଲା । ସ୍ୱେଚ୍ଛାସେବୀମାନେ ବାଣକୁ ନା, ପ୍ରଦୂଷଣମୁକ୍ତ ପରିବେଶ ପ୍ରଭୃତି ଲେଖାଥିବା ସ୍ଲୋଗାନର ପୋଷ୍ଟର ଧରି ସାଇକେଲ୍ ଯାତ୍ରା କରିଥିଲେ । ଏହି କାର୍ଯ୍ୟକ୍ରମରେ କଲେଜ ଛାତ୍ରଛାତ୍ରୀମାନେ ଯୋଗଦେଇ ଉପସ୍ଥିତ ଜନସାଧାରଣ ମାନଙ୍କୁ ଏହି ଦୀପାବଳୀରେ ଆତସର କରାଳ ଶବ୍ଦ ଓ ପ୍ରଦୂଷଣରୁ ନିଜକୁ ଦୂରେଇ ରଖିବା ସହ ଅନ୍ୟମାନଙ୍କୁ ଦୂରେଇ ରଖିବାକୁ ଅନୁରୋଧ କରିଥିଲେ ଓ ଯେହେତୁ ଦୀପାବଳୀଟି ଆଲୋକର ପର୍ବ ତେଣୁ ବିଭିନ୍ନ ପ୍ରକାରର ଆଲୋକରେ ଘର, ଯାନବାହନ ପ୍ରଭୃତିକୁ ସଜାଇବାକୁ ଅନୁରୋଧ କରିଥିଲେ । ଏହି କାର୍ଯ୍ୟକ୍ରମରେ ହାସ୍ୟ ଅଭିନେତା ହାଡୁ, ମୀର ଅହମ୍ମଦ ଅଲ୍ଲୀ, ମଧୁସ୍ମିତା ଦାସ, ବିନ୍ଦୁଜା ଉପାଧ୍ୟାୟ, ବିନୋଦ ରାଉତ, ମନୋଜ କୁମାର ସାହୁ, ସରୋଜ କୁମାର ପ୍ରଧାନ, ତାପସ ଦେ, ଚନ୍ଦନ, ବିଷ୍ଣୁ, ସତ୍ୟ, ସୂର୍ଯ୍ୟ, ପ୍ରଜ୍ଞା, ଦିବ୍ୟାଙ୍ଗନା, ଲକ୍ଷ୍ମୀପ୍ରିୟା, ଶ୍ରାବଣୀ ପୂଜା ପ୍ରମୁଖ ଉପସ୍ଥିତ ରହି ଜନସାଧାରଣଙ୍କୁ ସଚେତନ କରାଇଥିଲେ ।

## ମୂଳନିବାସୀ ୟୁନାଇଟେଡ୍ ଫୋରମର ବନ୍ଧୁ ମିଳନରେ ପ୍ରସ୍ତୁତି



ଭୁବନେଶ୍ୱର,(ପି.ଏନ): ସମ୍ବିଧାନ ହେଉଛି ଗୋଟେ ଦେଶର ଆତ୍ମା । ଆଉ ଭାରତୀୟ ସମ୍ବିଧାନ ଆମର ଶ୍ରେଷ୍ଠ ଗ୍ରନ୍ଥ ଗୋଟିଏ ଡ଼ୋରିରେ ଦେଶର ଏକତା, ଅଖଣ୍ଡତା, ସମାନତା, ସ୍ୱତନ୍ତ୍ରତା, ଭାତୃତ୍ୱ,ବନ୍ଧୁତା ଓ ନ୍ୟାୟକୁ ପ୍ରାଧାନ୍ୟ ଦେଇଛି । ପ୍ରତ୍ୟେକ ନାଗରିକକୁ ଅଧିକାର ଓ କର୍ତବ୍ୟ ଦେଇଥିବା ଆମ ଦେଶର ଏହି ସୁରକ୍ଷା କବଚକୁ ୭୫ ବର୍ଷ ପୁରଣ ନଭେମ୍ବର ୨୬ରେ ହେବ ତେଣୁ ଏହି ହୀରକ ଜୟନ୍ତୀକୁ ପାଳନ କରାଯିବା ପାଇଁ ମୁଳନିବାସୀ ୟୁନାଇଟେଡ୍ ଫୋରମ୍ ତରଫରୁ ୭୫ ତମ ରାଜ୍ୟସ୍ତରୀୟ ସମ୍ବିଧାନ ଦିବସ ପାଇଁ ୩୦ଟି ଜିଲ୍ଲା ପରିକ୍ରମା କରିବ ସଚେତନତା ରଥ ପରିକ୍ରମା ପାଇଁ ନିଷ୍ପତି ନିଆଯାଇଛି । ଆଜି ଲୋହିଆ ଏକାଡ଼େମୀରେ ଏହି ସଂଗଠନର ସହଯୋଗୀ ସଂଗଠନ ଗୁଡ଼ିକ ମିଳିତ ଆହ୍ୱନରେ ସମ୍ବିଧାନ ସଚେତନତା ମହାପରିକ୍ରମା ନାମରେ କାର୍ଯ୍ୟକ୍ରମ ସ୍ଥିର କରାଯାଇଛି । ଏହି ସଭାରେ ୟୁନାଇଟେଡ୍ ଫୋରମର ରାଜ୍ୟ ଅଧକ୍ଷ ବିଦ୍ୟାଧର ଦେହୁରୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ କହିଲେ ସାମ୍ବିଧାନିକ ମୌଳିକ ଅଧିକାର, ସ୍ୱତନ୍ତ୍ରତା ଓ ଆତ୍ମ ସମ୍ମାନ କ୍ଷୁର୍ଣ୍ଣ ହୋଇ ଚାଲିଛି । ମୌଳିକ ଅଧିକାରର ଧାରା, ଉପଧାରାକୁ ଷଡ଼ଯନ୍ତ୍ର କରି ନିସ୍ତେଜ କରାଯାଉଛି । ଏହିପରି ସ୍ଥଳେ ମୂଳନିବାସୀ ସମାଜ ଏକତ୍ର ହୋଇ ନ୍ୟାୟ ପ୍ରତିଷ୍ଠା ପାଇଁ ଏହି ଫୋରମ୍ ଜରିଆରେ ଜାଗରଣ ଓ ସଂଗଠିତ କରାଇ ରାଜ୍ୟବ୍ୟାପୀ ସଶକ୍ତ ଜନ ଆନ୍ଦୋଳନ ସଦୃଢ କରାଯିବା ପାଇଁ ଲକ୍ଷ ସ୍ଥିର କରାଯାଇଛ ବୋଲି ମତ ରଖିଥିଲେ । ଏହି ସଭାରେ ଫୋରମ୍‌ର ରାଜ୍ୟ କାର୍ଯ୍ୟକାରୀ ଅଧକ୍ଷ ମନୋରଂଜନ ଜେନା ଓ ଗୌତମ ଗୋପାଳ,ଉପାଧକ୍ଷ ଶୁରେଶ ଚନ୍ଦ୍ର ନାୟକ,ମହିଳା ମୁକ୍ତି ଅଭିଯାନ କାର୍ଯ୍ୟକାରୀ ଅଧକ୍ଷା ଅଂଜଳୀ ସ୍ୱାଇଁ, କମଳିନୀ ପାଟ୍ଟଶାଣୀ,ଉପାଧକ୍ଷା ସୁଜାତା ନାୟକ,ସଂପାଦିକା ରଶ୍ମୀପ୍ରଭା ନାୟକ, ସାଧାରଣ ସଂପାଦକ ନିହାର ରଂଜନ ସାମଲ,ଅଶୋକ ନାୟକ ସଂଖ୍ୟାଲଘୁ ସେଲ୍ ସଂପାଦକ ଇକ୍‌ବାଲ ହୁସେନ୍, ରାଜେନ୍ଦ୍ର କୁମାର ଦୋରା ଗଂଜାମ୍, ରାମଚନ୍ଦ୍ର ନାୟକ ଓ ଗୋଲକ ଚନ୍ଦ୍ର ନାୟକ ପ୍ରମୁଖ ଯୋଗ ଦେଇଥିଲେ । ସଭାରେ ୭ ଜଣ କର୍ମକର୍ତାଙ୍କୁ ରାଜ୍ୟ କମିଟିକୁ ମନୋନୀତ କରାଯିବା ସହ ଏକ ପରିଚାଳନା କମିଟି କରାଯାଇଅଛି । ସହଦେବ ଜେନା ଧନ୍ୟବାଦ୍ ଦେଇଥିଲେ ।

## ତାଳଚେର ଠାରେ ନିଖିଳ ଉତ୍କଳ ଗୃହରକ୍ଷୀ ମହାସଂଘ ଅନୁଗୋଳ ଜିଲ୍ଲା ଶାଖାର ବୈଠକ



ତାଳଚେର,(ପି.ଏନ): ଅନୁଗୋଳ ଜିଲ୍ଲା ତାଳଚେର ସ୍ଥିତ ଡି.ସି.ଆଇ ଠାରେ ରାଜ୍ୟ ନିଖିଳ ଉତ୍କଳ ଗୃହରକ୍ଷୀ ମହାସଂଘ ଅନୁଗୋଳ ଶାଖାର ସାଧାରଣ ବୈଠକ ଅନୁଷ୍ଠିତ ହୋଇଯାଇଛି ।ଏହି ବୈଠକରେ ସଂଗଠନର ରାଜ୍ୟ ଉପଦେଷ୍ଟା ତଥା ବିଶିଷ୍ଟ ସମାଜସେବୀ ,ବରିଷ୍ଠ ସାମ୍ବାଦିକ ଓ ବିଜେପି ଅନୁଗୁଳ ଜୋନାଲ ମିଡ଼ିଆସେଲ ସଂଯୋଜକ ପର୍ଶୁରାମ ବାରିକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ ।ଅନ୍ୟ ମାନଙ୍କ ମଧ୍ୟରେ ଜିଲ୍ଲା ଗୃହରକ୍ଷୀ ସଂଘର ଆଇନ ପରାମର୍ଶଦାତା ଶ୍ରୀମତୀ ପ୍ରଭାତିନି ଆଚାର୍ଯ୍ୟ ,ଅନ୍ୟତମ ଉପଦେଷ୍ଟା ସାମ୍ବାଦିକ ଚିତ୍ତରନ ପାଣି,ଅନୁଗୋଳ ଜିଲ୍ଲା ଗୃହରକ୍ଷୀ ମହାସଂଘର ସଭାପତି ଶ୍ରୀମତୀ ମାମି ବେହେରା ,ସମ୍ପାଦକ ଦିଲ୍ଲୀପ କୁମାର ବେହେରା ,କୋଷାଦକ୍ଷ ସୌଭାଗ୍ୟ ସାମଲ ପ୍ରମୁଖ ଯୋଗ ଦେଇଥିଲେ ।ଏହି ବୈଠକରେ ଜିଲ୍ଲାର ଶତାଧିକ ହୋମଗାର୍ଡ ଭାଇ ଭଉଣୀ ମାନେ ଯୋଗ ଦେଇଥିଲେ । ବୈଠକରେ ମୁଖ୍ୟ ପରାମର୍ଶଦାତା ପର୍ଶୁରାମ ବାରିକ ହୋମଗାର୍ଡ ଭାଇ ଭଉଣୀ ମାନଙ୍କ ଦରମା ବୃଦ୍ଧି ଏବଂ ବିଭିନ୍ନ ସମସ୍ୟାର ସମାଧାନ କରିବା ଉପରେ ସରକାର ସଚେତନ ଏବେ ବିଜେପି ସରକାର ରାଜ୍ୟର ଗୃହରକ୍ଷୀ ଅର୍ଥାତ୍ ନିଖିଳ ଉତ୍କଳ ଗୃହରକ୍ଷୀ ମହାସଂଘକୁ ଦେଇ ଥିବା ପ୍ରତିଶ୍ରୁତି ଗୁଡ଼ିକୁ ଧିରେ ଧୀରେ ଗୋଟିଏ ପରେ ଗୋଟିଏ ପ୍ରତିଶୃତିକୁ ପୂରଣ କରୁଛନ୍ତି, ଯାହା ଆଉ କିଛି ସ୍ୱପ୍ନ ବାକି ଅଛି ଯାହା ଖୁବଶୀଘ୍ର ପୂରଣ ହେବ ବୋଲି ଶ୍ରୀ ବାରିକ ପ୍ରକାଶ କରିଛନ୍ତି ।ଗୃହରକ୍ଷୀ ମାନଙ୍କ ପୁନଃ ନିଯୁକ୍ତି ହେବା ସହ ମହାସଂଘ ଓ ମାନ୍ୟବର ଗୃହ ମନ୍ତ୍ରାଳୟଙ୍କ ଚିଠି ମୁତାବକ ସରକାରୀ ଚାକିରୀ ମାନ୍ୟତା ଅର୍ଥାତ୍ ଗ୍ରୁପ ସି. ଏବଂ ଗ୍ରୁପ ଡି.ରେ ଗୃହରକ୍ଷୀ ଙ୍କୁ ଅଗ୍ରାଧିକାର ମିଳିବା ସହ ନିଖିଳ ଉତ୍କଳ ଗୃହରକ୍ଷୀ ମହାସଂଘ ତଥା ଓଡ଼ିଶା ରାଜ୍ୟର ୧୭ ହଜାର ଗୃହରକ୍ଷୀ ପରିବାରର ସଦସ୍ୟଙ୍କ ଆଶା ପୂରଣ ହେବ ବୋଲି ଶ୍ରୀ ବାରିକ ସମସ୍ତଙ୍କୁ ଭରସା ଦେଇଛନ୍ତି ।

## କୃଷି ବିଜ୍ଞାନ କେନ୍ଦ୍ରରେ ୫ ଦିନିଆ ପ୍ରାକୃତିକ କୃଷି ସମ୍ବନ୍ଧୀୟ ତାଲିମ କାର୍ଯ୍ୟକ୍ରମ



ଜଗତସିଂହପୁର,(ପି ଏନ):କୃଷି ବିଜ୍ଞାନ କେନ୍ଦ୍ର, ଜଗତସିଂହପୁର ଦ୍ୱାରା ପ୍ରାକୃତିକ କୃଷି ସମ୍ବନ୍ଧୀୟ ଏକ ପାଞ୍ଚଦିନିଆ ତାଲିମ କାର୍ଯ୍ୟକ୍ରମ ୨୧.୧୦. ୨୦୨୪ ରୁ ୨୩.୧୦.୨୦୨୪ ଏବଂ ୨୯.୧୦.୨୦୨୪ ରୁ ୩୦.୧୦.୨୦୨୪ ପର୍ଯ୍ୟନ୍ତ କୃଷି ବିଜ୍ଞାନ କେନ୍ଦ୍ର ପରିସରରେ ଅନୁଷ୍ଠିତ ହୋଇଯାଇଛି ଓ ଏହି କାଯ୍ୟକ୍ରମଟିକୁ କୃଷି ବିଜ୍ଞାନ କେନ୍ଦ୍ରର ମୃର୍ତ୍ତିକା ବୈଜ୍ଞାନିକ ଡ. ପ୍ରଦୀପ୍ତ ମାଝୀ ପରିଚ଼ାଳନା କରିଥିଲେ। ।ଜିଲ୍ଲାର ବିଭିନ୍ନ ବ୍ଲକରୁ ଆସିଥିବା ୪୦ ଜଣ ଚ଼ାଷୀ ଭାଇ ଓ ଭଉଣୀମାନେ ଏହି ତାଲିମ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ ଓ ପ୍ରାକୃତିକ କୃଷି ହେଉଛି ଏକ ରାସାୟନିକ ମୁକ୍ତ ପାରମ୍ପାରିକ କୃଷି ପଦ୍ଧତି ଯାହାକି କୃଷି ପରିବେଶ ସମ୍ବନ୍ଧୀୟ ବିବିଧିକରଣ କୃଷି ପଦ୍ଧତି ଉପରେ ଗୁରୁତ୍ୱ ଦେଇ ଫସଲ ମୃର୍ତ୍ତିକା ଓ ଜୀବପାଳନ ମଧ୍ୟରେ ସମନ୍ୱୟ ରକ୍ଷା କରିଥାଏ ।କୃଷି କ୍ଷେତ୍ରରେ ରାସାୟନିକ ପଦାର୍ଥ ଯଥା ସାର କିମ୍ବା କୀଟନାଶକର ବ୍ୟବହାର କରାଯାଏ ନାହିଁ,ମାଟିରେ ଥିବା ଜୈବିକ ପଦାର୍ଥର ବିଘଟନ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ପାଇଁ ଅଣୁଜୀବ ସଂଖ୍ୟା ବୃଦ୍ଧି କରାଯାଏ, ଆଚ୍ଛାଦନ ମାଧ୍ୟମରେ ମାଟିରେ ଜଳୀୟ ଅଂଶ ସଂରକ୍ଷଣ କରିବା ସହ ଗଛ ବୃଦ୍ଧିରେ ସହାୟକ ହୋଉଥିବା ମୃର୍ତ୍ତିକା ପରିବେଶ ସୃଷ୍ଟି କରିବା ଏବଂ ଫସଲ ବିବିଧୀକରଣ ଯଥା ଅନ୍ତଃଫସଲ, ମିଶ୍ରିତ ଫସଲ ଆଦି ଉପରେ ଗୁରୁତ୍ୱ ଦିଆଯାଏ । ଅଂଶ ଗ୍ରହଣ କରିଥିବା ଚ଼ାଷୀ ଭାଇ ଓ ଭଉଣୀ ମାନେ ପ୍ରାକୃତିକ କୃଷିର ଉପକାରିତା, ପ୍ରସ୍ତୁତି ପ୍ରଣାଳୀ ଆଦି ବିଷୟରେ ଜାଣିବା ସହ, ନିଜ ହାତରେ ପ୍ରାକୃତିକ ଚ଼ାଷର ବିଭିନ୍ନ ସ୍ତମ୍ଭ ଯଥା ଜୀବାମୃତ, ଘନଜିବାମୃତ (ମୃର୍ତ୍ତିକାର ଉର୍ବରତା) , ବୀଜାମୃତ(ବୀଜ ବିଶୋଧନ) ହାଣ୍ଡିଖତ, ଗୋକୃପାଅମୃତମ୍ (ଉର୍ବରତା ବଢ଼ାଇବା, କୀଟପତଙ୍ଗ ଓ ରୋଗରୁ ଫସଲକୁ ସୁରକ୍ଷିତ କରିବାରେ ଉପକାରୀ)ଓ ନିମାସ୍ତ୍ର , ବ୍ରହ୍ମାସ୍ତ୍ର, ଅଗ୍ନିଅସ୍ତ୍ର, (ରୋଗ ପୋକ ଦାଉରୁ ରକ୍ଷା ପାଇଁ) ମଧ୍ୟ ପ୍ରସ୍ତୁତ କରିଥିଲେ ଓ ପ୍ରାକୃତିକ କୃଷି ବ୍ୟବହାର ଦ୍ୱାରା ମୃତ୍ତିକା ଅଧିକ ଉର୍ବର ହେବା ସହ ସୁରକ୍ଷିତ ଓ ରସାୟନିକ ପଦାର୍ଥ ମୁକ୍ତ ଖାଦ୍ୟ ମିଳି ପାରିବ । ପ୍ରାକୃତିକ କୃଷି ବ୍ୟବହାର ଦ୍ୱାରା ଚ଼ାଷୀ ସ୍ୱାବଲମ୍ବୀ ହୋଇପାରିବେ ତା ସହ ପରିବେଶ ସୁରକ୍ଷା ଏକ ପ୍ରମୁଖ ଭୂମିକା ଗ୍ରହଣ କରିପାରିବ ବୋଲି କେନ୍ଦ୍ରର ବରିଷ୍ଠ ବୈଜ୍ଞାନିକ ଓ ମୁଖ୍ୟ ଡ. ଜୀବନଜିତ ସେନ ବକ୍ତବ୍ୟ ଦେଇଥିଲେ ଏବଂ ଚ଼ାଷୀ ମାନଙ୍କୁ ମାନପତ୍ର ପ୍ରଦାନ କରିଥିଲେ ଓ ଅନ୍ୟମାନଙ୍କ ମଧ୍ୟରେ ବୈଜ୍ଞାନିକ ଦେବାଶିଷ ପଣ୍ଡା, ଡ଼. ଦ୍ୱାରିକା ମୋହନ ଦାସ, ସସ୍ମିତା ପୁରୋହିତ ,ସରିତା ଦାସ ଓ ବୈଷୟିକ କର୍ମଚ଼ାରୀ ବିଜୟିନୀ ସାହୁ, ଡ.ବିଚ଼ିନ୍ନା ମୈତ୍ରୀ ରାଉତ ସହଯୋଗ କରିଥିଲେ। ପରିଶେଷରେ ଜିଲ୍ଲାର ଅଗ୍ରଣୀ ପ୍ରାକୃତିକ କୃଷି କରୁଥିବା ଚ଼ାଷୀ ମାନେ ନିଜ ନିଜର ଅଭିଜ୍ଞତା ବର୍ଣ୍ଣନା କରିଥିଲେ ।




Printed & Puböished by Budhadev Mohapatra on behaöf of Hiranmayee Media Pvt. Ötd. & Printed at Mayur Offset Printers, Pöot No. D-1/1, Mancheswar Industriaö Estate, Bhubaneswar-751<0 & Puböished at N-4, F/24, IRC Viööage, Nayapaööi, Bhubaneswar, Dist-Khordha, Pin-751<5, Phone : (0674© 2550751/2555116, Fax No. : 2550504, E-maiö :editorpbkc@gmaiö.com, paryabekhyak@gmaiö.com

ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray